





# ଦାମଙ୍କୁ ଝୁରିଲା ଓଡ଼ିଶା

### ଦାମୋଦର ରାଉତଙ୍କ ଅବଦାନ ସର୍ବଦା ସ୍ମରଣୀୟ ରହିବ: ରାଷ୍ଟ୍ରପତି

ବରିଷ୍ଠ ନେତା ଦାମୋଦର ରାଉତଙ୍କ ଦେହାନ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଃଖ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି 'ଏକ୍ସ' ଜରିଆରେ କହିଛନ୍ତି ଯେ ଓଡ଼ିଶା ସରକାରରେ ଅନେକଥର ମନ୍ତ୍ରୀ ଭାବେ ଦାମୋଦର ରାଉତ କାର୍ଯ୍ୟ କରିଥିଲେ। ଓଡ଼ିଶା ଏବଂ ଦେଶର ପ୍ରଗତିରେ ଶ୍ରୀ ରାଉତଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋ ରହିବ। ତାଙ୍କ ପରିବାର ସଦସ୍ୟ ଏବଂ ଅନୁଗାମୀମାନଙ୍କୁ ରାଷ୍ଟ୍ରପତି ଗଭୀର ସମବେଦନା ଜଣାଇଛନ୍ତି।

### କ୍ରିୟାଶୀଳ ମନ୍ତ୍ରୀ ଓ ଲୋକପ୍ରିୟ ରାଜନେତା ଥିଲେ: ରାଜ୍ୟପାଳ

ରାଜ୍ୟପାଳ ରଘୁବାର ଦାସ ଗଭୀର ଦୁଃଖପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ଓ ଅନୁଗାମୀମାନଙ୍କୁ ସମବେଦନା ଜଣାଇଛନ୍ତି। ରାଜ୍ୟପାଳ ନିଜର 'ଏକ୍ସ' ଆକାଉଣ୍ଟରେ ଲେଖିଛନ୍ତି ଯେ ଜଣେ ଦକ୍ଷ ବିଧାୟକ, କ୍ରିୟାଶୀଳ ମନ୍ତ୍ରୀ ଓ ଲୋକପ୍ରିୟ ରାଜନେତା ଭାବେ ତାଙ୍କର ପ୍ରତିଷ୍ଠା ରହିଛି। ରାଜ୍ୟପାଳ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

### ଓଡ଼ିଶା ରାଜନୀତିରେ ଏକ ଅପୂରଣୀୟ କ୍ଷତି: ମୁଖ୍ୟମନ୍ତ୍ରୀ

ବରିଷ୍ଠ ନେତା ଡାଃ ଦାମୋଦର ରାଉତଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି। ନିଜ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଶା ରାଜନୀତିରେ ଏହା ଏକ ଅପୂରଣୀୟ କ୍ଷତି। ଲୋକଙ୍କ ସେବା ତଥା ଉନ୍ନତି ପାଇଁ ତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

### ଓଡ଼ିଶା ଜଣେ ସ୍ପଷ୍ଟବାଦୀ ଓ ଅନୁଭବୀ ରାଜନେତାଙ୍କୁ ହରାଇଲା: ଧର୍ମେନ୍ଦ୍ର ପ୍ରଧାନ

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଦାମୋଦର ରାଉତଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଦୀର୍ଘବର୍ଷ ଧରି ରାଜନୀତିରେ ସକ୍ରିୟ ରହି ଲୋକକଲ୍ୟାଣ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ସ୍ପଷ୍ଟବାଦୀ ଓ ଅନୁଭବୀ ରାଜନେତାଙ୍କୁ ହରାଇଲା। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଶୋକବାର୍ତ୍ତାରେ କହିଛନ୍ତି।

### ରାଜ୍ୟ ରାଜନୀତିରେ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି: ପ୍ରଣବ ପ୍ରକାଶ ଦାସ

ଆମ ଦଳର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ଜନସେବା କ୍ଷେତ୍ରରେ ତାଙ୍କର ଅବଦାନ ସବୁବେଳେ ପାଇଁ ମନେ ରହିବ। ତାଙ୍କ ବିୟୋଗ ରାଜ୍ୟ ରାଜନୀତିରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି ବୋଲି ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ କହିଛନ୍ତି।

### ଏକ ଯୁଗର ଅବସାନ ଘଟିଛି: ମାନସ ରଞ୍ଜନ ମଙ୍ଗରାଜ

ବରିଷ୍ଠ ବିଜେଡି ନେତା, ୭ଥର ବିଧାୟକ ତଥା ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଦେହାନ୍ତ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ଡାକ୍ତର ରାଉତ ଏରସମାରୁ ୫ଥର ଏବଂ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରୁ ଦୁଇଥର ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗ ଓଡ଼ିଶା ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଉଛି ବୋଲି ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏକ ଶୋକବାର୍ତ୍ତାରେ ଜଣାଇଛନ୍ତି।

### ମୁଁ ମୋର ଜଣେ ପରମ ବନ୍ଧୁଙ୍କୁ ହରାଇଛି: ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ

ବରିଷ୍ଠ ନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ପୂର୍ବତନ ମନ୍ତ୍ରୀ ଡାଃ ଦାମୋଦର ରାଉତଙ୍କ ବିୟୋଗରେ ମୁଁ ଗଭୀର ଦୁଃଖିତ। ସ୍ୱର୍ଗତ ରାଉତ ନିଜ ନିର୍ବାଚନମଣ୍ଡଳୀର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ବିଜୁବାବୁ ଓ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ଭାବେ ରାଜ୍ୟ ପାଇଁ ଅନେକ ଜନହିତକର କାର୍ଯ୍ୟ କରିଯାଇଛନ୍ତି। ତାଙ୍କର ବିୟୋଗ ଫଳରେ ରାଜ୍ୟ ରାଜନୈତିକ ଆକାଶରେ ଏକ ଉଜ୍ଜ୍ୱଳ ନକ୍ଷତ୍ରର ଅବସାନ ଘଟିଛି ଏବଂ ମୁଁ ମୋର ଜଣେ ପରମ ବନ୍ଧୁଙ୍କୁ ହରାଇଛି।

### ଆମର ବ୍ୟକ୍ତିଗତ ବନ୍ଧୁତ୍ୱ କେବେ ବାଧାପ୍ରାପ୍ତ ହୋଇ ନାହିଁ: ନରସିଂହ ମିଶ୍ର

୧୯୯୦ରୁ ଆମେ ଦୀର୍ଘଦିନ ଧରି ଆମେ ଏକାଠି ବିଧାନସଭାରେ କାମ କରିଛୁ। ଆମେ ଦୁଇଜଣ ଜନତା ଦଳରୁ ବିଧାନସଭାକୁ ଯାଇଥିଲୁ। ସେ ଯେଉଁ ଦଳରେ ଥିଲେ ବି ଆମର ବ୍ୟକ୍ତିଗତ ବନ୍ଧୁତ୍ୱ ବାଧାପ୍ରାପ୍ତ ହୋଇନାହିଁ। ସେ ଜଣେ ଉଚ୍ଚକୋଟୀର ବିଧାୟକ ଥିଲେ। ତାଙ୍କର ଯୁକ୍ତି ସବୁ ଅକାଟ୍ୟ ଓ ତଥ୍ୟଭିତ୍ତିକ ଥିଲା। ସେ ଜଣେ ଭଲ ପ୍ରଶାସକ ଥିଲେ। ନିର୍ଭୀକ ଭାବେ ସେ ସବୁ କଥା ଉପସ୍ଥାପନ କରୁଥିଲେ। ଏଭଳି ଜଣେ ବିରଳ ବ୍ୟକ୍ତିତ୍ୱ ଆମ ଗହଣରେ ଆଉ ନାହାନ୍ତି। ତାଙ୍କ ମୃତ୍ୟୁରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି, ନିକଟରେ ତାହା ପୂରଣ ହେବା ଭଳି ଲାଗୁନାହିଁ ବୋଲି କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି।

**ଆନନ୍ଦ ଟପ୍ପୋ ହତ୍ୟା ଅଭିଯୋଗର କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରସଂଗ**

## ୬ ମାସ ମଧ୍ୟରେ ତଦନ୍ତ ସରିବ: ସରକାର

କଟକ, ୨୨।୩ (ସମିସ): ପୂର୍ବତନ ଭାରତୀୟ ହକି ତାରକା ତଥା ଡିଏସ୍‌ପି ବୀରେନ୍ଦ୍ର ଲାକ୍ରାଙ୍କ ବିରୋଧରେ ଭୁବନେଶ୍ୱର ଇନଫୋସିଟି ଥାନାର ରୁଜୁ ଆନନ୍ଦ ଟପ୍ପୋ ହତ୍ୟା ଅଭିଯୋଗର ସାନି ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଏଡିଜିଙ୍କୁ ଗତ ୨୦୨୨ଜୁଲାଇ ୫ ତାରିଖରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶ ଅଦ୍ୟାବଧି ପାଳନ ହୋଇନଥିବା ନେଇ ମୃତକଙ୍କ ପିତା ବନ୍ଧନ ଟପ୍ପୋଙ୍କ ପକ୍ଷରୁ ରୁଜୁ ଅଦାଲତ ଅବମାନନାରେ ହାଇକୋର୍ଟ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଜଷ୍ଟିସ୍ ଶିବଶଙ୍କର ମିଶ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି।

ଆନନ୍ଦ ଟପ୍ପୋ ମୃତ୍ୟୁ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ହାତକୁ ନେଇଛି। ୨୦୨୩, ଅଗଷ୍ଟ ୨୫ରେ ଏନେଇ ଆଇପିସିର ଦଫା ୩୦୨, ୩୪ରେ କ୍ରାଇମବ୍ରାଞ୍ଚ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମଦ କେ. ଏହାର ତଦନ୍ତ ଦାୟିତ୍ୱରେ ରହିଛନ୍ତି ବୋଲି ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ୬ମାସ ଭିତରେ ତଦନ୍ତ ସମ୍ପୂର୍ଣ୍ଣ ହେବ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ଆଇଜି ନିଜେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିଥିଲେ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ପୁତ୍ର ଆନନ୍ଦ ଟପ୍ପୋଙ୍କୁ ହତ୍ୟା କରାଯାଇଥିବା ଓ ଏଥିରେ ଆନନ୍ଦଙ୍କ ବନ୍ଧୁ ବୀରେନ୍ଦ୍ରଙ୍କ ସମ୍ପୃକ୍ତି ନେଇ ୨୦୨୨ ଏପ୍ରିଲରେ ଇନଫୋସିଟି ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତରୁ ସୁଫଳ ନପାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବନ୍ଧନ। ମାମଲାର ପୁନଃ ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା କରାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ କରି ସେ ଏକ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଦୁଇଟି ବ୍ୟାଙ୍କରେ ରହିଲା ଶ୍ରୀମନ୍ଦିର ଟଙ୍କା

ପୁରୀ, ୨୨।୩ (ସମିସ): ଦୁଇଟି ବ୍ୟାଙ୍କରେ ରହିଲା ଶ୍ରୀମନ୍ଦିରର ଟଙ୍କା। ଏଥିପାଇଁ ଡକାଯାଇଥିବା ବିଡିଂ ମାଧ୍ୟମରେ ଏସ୍‌ବିଆଇ ଏବଂ ଇଣ୍ଡିଆନ୍ ବ୍ୟାଙ୍କକୁ ଚୟନ କରାଯାଇଥିଲା। ଏହି ଦୁଇଟି ବ୍ୟାଙ୍କରେ ମୋଟ ୧୨୪କୋଟି ୭୬ ଲକ୍ଷ ଟଙ୍କା ସ୍ଥାୟୀ ଆକାରରେ ଜମା କରାଯାଇଛି।

ଶ୍ରୀମନ୍ଦିରର ଫାଉଣ୍ଡେସନ୍ ଫଣ୍ଡ ଏବଂ କର୍ପସ୍ ଫଣ୍ଡ ଟଙ୍କା ଜମା ରଖିବାକୁ ନେଇ ଗତ ୧୯ତାରିଖରେ ଟେଣ୍ଡର୍ ଆହ୍ୱାନ କରାଯାଇଥିଲା। ଏଥିରେ ଭାଗନେବା ପାଇଁ ୯ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କଠାରୁ କୋଟେସନ୍ ମଗାଯାଇଥିଲା। ସେମାନଙ୍କ ମଧ୍ୟରୁ ଏସ୍‌ବିଆଇ ସର୍ବାଧିକ ୭.୯୨ ପ୍ରତିଶତ ସୁଧ ଦେବାକୁ ରାଜି ହୋଇଥିବା ବେଳେ ଦ୍ୱିତୀୟରେ ଇଣ୍ଡିଆନ ବ୍ୟାଙ୍କ ୭.୭୦ ପ୍ରତିଶତ ସୁଧ ଦେବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ତେଣୁ ଏସ୍‌ବିଆଇରେ ୭.୯୨ ପ୍ରତିଶତ ସୁଧହାରରେ ଶ୍ରୀମନ୍ଦିର ଫାଉଣ୍ଡେସନ୍ ଫଣ୍ଡ ୧୧୮ କୋଟି ୧୨ଲକ୍ଷ ୬୫ ହଜାର ୪ଟଙ୍କା ଏବଂ ଇଣ୍ଡିଆନ ବ୍ୟାଙ୍କରେ ୭.୭୦ ପ୍ରତିଶତ ସୁଧହାରରେ କର୍ପସ୍ ଫଣ୍ଡ ୬ କୋଟି ୬୪ଲକ୍ଷ ୨୬୩ ଟଙ୍କା ବର୍ଷକ ପାଇଁ ସ୍ଥାୟୀ ଜମା ରଖାଯାଇଛି।



**ଏସ୍‌ବିଆଇରେ ଫାଉଣ୍ଡେସନ୍ ଫଣ୍ଡ ୧୧୮.୧୨ କୋଟି**

**ଇଣ୍ଡିଆନ ବ୍ୟାଙ୍କରେ କର୍ପସ୍ ଫଣ୍ଡ ୬.୬୪ କୋଟି**

**ବିଡ଼ିଂରେ ଭାଗ ନେଇଥିଲେ ୮ଟି ଜାତୀୟ ବ୍ୟାଙ୍କ**

ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ପ୍ରଦୀପ କୁମାର ସାହୁ କହିଛନ୍ତି, ମହାପ୍ରଭୁଙ୍କ ଟଙ୍କା ଜମା ରଖିବା ଲାଗି ୯ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କଠାରୁ କୋଟେସନ୍ ଆହ୍ୱାନ କରାଯାଇଥିଲା। ଯିଏ ଅଧିକ ସୁଧ ଦେବେ, ସେଥିରେ ଟଙ୍କା ଡିପୋଜିଟ୍ ରଖିବା ଲାଗି କୁହାଯାଇଥିଲା। ନିର୍ଦ୍ଧାରିତ ସମୟରେ ୮ଟି ବ୍ୟାଙ୍କ ଉପସ୍ଥିତ ରହିଥିଲେ। ସେମାନଙ୍କ ମଧ୍ୟରୁ ଏସ୍‌ବିଆଇ ଶ୍ରୀମନ୍ଦିର ଫାଉଣ୍ଡେସନ୍ ଫଣ୍ଡର ୧୧୮କୋଟି ୧୨ ଲକ୍ଷ ୬୫ ହଜାର ୪ ଟଙ୍କା ଏବଂ ଇଣ୍ଡିଆନ ବ୍ୟାଙ୍କରେ କର୍ପସ ଫଣ୍ଡର ୬ କୋଟି ୬୪ଲକ୍ଷ ୨୬୩ ଟଙ୍କା ଜମା ରଖାଗଲା। ଗୋଟିଏ ବର୍ଷ ପାଇଁ ଏହି ଟଙ୍କା ରଖାଯାଇଛି ବୋଲି ଶ୍ରୀ ସାହୁ କହିଛନ୍ତି। ତେବେ ଏହି ବିଡିଂରେ ବିଭିନ୍ନ ବ୍ୟାଙ୍କର ଅଧିକାରୀଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଓ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

## କିସ୍ ବିଶ୍ୱବିଦ୍ୟାଳୟକୁ ନାକ୍ 'ଏ' ଗ୍ରେଡ୍

ଭୁବନେଶ୍ୱର, ୨୨।୩(ସମିସ): କିସ୍ ବିଶ୍ୱବିଦ୍ୟାଳୟକୁ ନ୍ୟାସନାଲ୍ ଆସେସମେଣ୍ଟ ଆଣ୍ଡ ଆକ୍ରିଡିଟେସନ୍ କାଉନସିଲ୍ (ନାକ୍) ପକ୍ଷରୁ 'ଏ' ଗ୍ରେଡ୍ ମାନ୍ୟତା ପ୍ରଦାନ କରାଯାଇଛି। କିସ୍ ବିଶ୍ୱବିଦ୍ୟାଳୟ ପ୍ରଥମଥର ନାକ୍ 'ଏ' ଗ୍ରେଡ୍ ମାନ୍ୟତା ପାଇଛି। ଦେଶର କୌଣସି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପ୍ରଥମ ଥରରେ ନାକ୍‌ର 'ଏ' ଗ୍ରେଡ୍ ମାନ୍ୟତା ପାଇବା କ୍ଷେତ୍ରରେ କିସ୍ ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ ଶିକ୍ଷାନୁଷ୍ଠାନ। ୨୦୧୭ ମସିହାରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ କିସ୍‌କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇଥିଲା। କିସ୍ ବିଶ୍ୱବିଦ୍ୟାଳୟକୁ ପ୍ରଥମଥର ନାକ୍‌ର 'ଏ' ଗ୍ରେଡ୍ ମାନ୍ୟତା ମିଳିଥିବାରୁ ଶିକ୍ଷାବିତ୍‌ମାନେ ଖୁସିବ୍ୟକ୍ତ କରିଛନ୍ତି। କିସ୍‌ର ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ୍ ସାମନ୍ତ ଖୁସିବ୍ୟକ୍ତ କରିବା ସହ ଏଥିପାଇଁ କିସ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ କିସ୍‌ର ଏହି ସଫଳତା ପାଇଁ କିସ୍‌ର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଜନଜାତି ଅଭିଭାବକଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

## ଓଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର, ୨୨।୩ (ସମିସ): ୨୮ ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ (ଓଏଏସ୍) ଙ୍କ ବଦଳି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ବଦଳି ହୋଇଥିବା ଅଧିକାରୀଙ୍କ ମଧ୍ୟରେ ୧୨ଜଣ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ରେଙ୍ଗାଲି ରାଇଟ୍ କେନାଲ ସିଷ୍ଟମ୍, ଜିଲ୍ଲାସ୍ତରୀୟ କ୍ରୀଡ଼ା ବିଭାଗ ଓଏସ୍‌ଡି, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ, ପୁରୀ ଶ୍ରୀମନ୍ଦିର ସହକାରୀ ପ୍ରଶାସକ, ଡିଏସ୍‌ଆର ଦାୟିତ୍ୱରେ ଥିବା ଅଧିକାରୀଙ୍କ ବଦଳି କରାଯାଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଯାଜପୁର, ୨୨।୩ (ସମିସ): ଯାଜପୁରର ଆଡହକ ଏଡିଜେ ପୋକ୍‌ସୋ ଜଜ(୨) ବିଜୟ କୁମାର ଜେନା ଶୁକ୍ରବାରଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ଶ୍ୟାମ ସୁନ୍ଦର ବାରିକକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ, ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଯାଜପୁର ଥାନା ଅଞ୍ଚଳର ଏକ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପଢୁଥିବା ଜଣେ ଛାତ୍ରୀଙ୍କୁ ଗତ ୨୦୧୯ ମସିହା ଅକ୍ଟୋବର ୧୮ ତାରିଖ ଦିନ ବିଂଝାରପୁର ଅଞ୍ଚଳର ଶ୍ୟାମସୁନ୍ଦର ଅପହରଣ କରି ନେଇଥିଲା। ପ୍ରଥମେ ଯାଜପୁରରୋଡ୍ ଓ ପରେ କଟକ ଏବଂ ଶେଷରେ ବେଙ୍ଗାଲୁରୁ ନେଇ ପଳାଇଥିଲା। ସେଠାରେ ପ୍ରାୟ ୨ ମାସ ରହିବା ପରେ ୨୦ ଡିସେମ୍ବର ୨୦୨୯ ଦିନ ଘରକୁ ଫେରୁଥିବା ବେଳେ ପୁଲିସ ଖବର ପାଇ ଯାଜପୁରରୋଡ ରେଳଷ୍ଟେସନ ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିବା ସହ ଶ୍ୟାମସୁନ୍ଦରକୁ ଗିରଫ କରିଥିଲା। ନାବାଳିକାର ବୟାନକୁ ଭିତ୍ତିକରି ଅଭିଯୁକ୍ତକୁ ପୋକ୍‌ସୋ ଆଇନର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରି ଯାଜପୁର ପୁଲିସ କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରୁଥିଲେ।

**ଆସୁଛି ଖରା, ଶୁଖିଲା ପଡ଼ିଛି ଚୁଆ**

# ପାଣି ପାଇଁ ବାଟ ହୁଡୁଛନ୍ତି ବାଲୁଖଣ୍ଡ ହରିଣ

ପୁରୀ, ୨୨।୩ (ସମିସ): ସମୁଦ୍ର କୂଳରେ ବାଲୁଖଣ୍ଡ ଅଭୟାରଣ୍ୟ ଏକ ସୁନ୍ଦର ସୃଷ୍ଟି। ମନୁଷ୍ୟକୃତ ଏହି ଅଭୟାରଣ୍ୟରେ ଗାଡ଼ଭାଲୁ, କୁଟୁରା, ଠେକୁଆ ଆଦି ବିଭିନ୍ନ ପ୍ରକାର ଜୀବଜନ୍ତୁ ରହୁଥିଲେ ମଧ୍ୟ ଏଠାରେ ପ୍ରମୁଖ ଆକର୍ଷଣ ହେଉଛନ୍ତି ଚିତ୍ରା ହରିଣ। ପୂର୍ବରୁ ଏଠାରେ କୃଷ୍ଣସାର ହରିଣ ଦେଖାଯାଉଥିଲେ। ପ୍ରାୟ ୯ ବର୍ଷ ହେବ କୃଷ୍ଣସାର ଆଉ ଦେଖିବାକୁ ମିଳୁନାହାନ୍ତି। କେବଳ ଏଠାରେ ଚିତ୍ରା ହରିଣ ରହିଥିବା ବେଳେ ବାତ୍ୟା ଫନି ପରେ ଏମାନଙ୍କ ସଂଖ୍ୟା ଯଥେଷ୍ଟ କମିଯାଇଛି। କିନ୍ତୁ ଯାହା ବି ହରିଣ ଅଛନ୍ତି ସେମାନଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ-ପାନୀୟ ମିଳୁନାହିଁ। ଜଙ୍ଗଲ ଭିତରେ ଯଦିଓ ବିଭିନ୍ନ ଗଛର ପତ୍ର ଓ ଘାଷ ଖାଇ ଭୋକ ମେଣ୍ଟାଉଛନ୍ତି କିନ୍ତୁ ପାଣିର ଘୋର୍ ଅଭାବ ରହିଛି। ଫଳରେ ବିଭିନ୍ନ ସମୟରେ ପାଣି ପାଇଁ ବାଟ ହୁଡୁଛନ୍ତି ହରିଣ। ଅନେକ ସମୟରେ ଜନବସତିମୁହାଁ ହେଉଥିବା ହରିଣ ବିପଦରେ ପଡୁଛନ୍ତି। କେତେବେଳେ ବୁଲା କୁକୁରଙ୍କ ଶିକାର ହେଉଛନ୍ତି ତ ପୁଣି କେତେବେଳେ ଗାଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏପରିକି ଡ୍ରେନ୍‌ରେ ପଡ଼ି ଏମାନଙ୍କ ଜୀବନ ଯାଉଛି। ଏମିତି ନିୟମିତ ବ୍ୟବଧାନରେ ହରିଣକୁ ଠାବ କରାଯାଉଛି।




ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଅବସ୍ଥିତି ବାଲୁଖଣ୍ଡ ଅଭୟାରଣ୍ୟ। ୮୭ ବର୍ଗକିମି ଅଞ୍ଚଳରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟର ପରିବେଶ ବେଶ୍ ମନମୁଗ୍ଧକର। ଶାନ୍ତ ଶୀତଳ ପରିବେଶରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଏଠାରେ ରହିଆସୁଥିଲେ। କିନ୍ତୁ ୨୦୧୯ର ଫନି ବାତ୍ୟାରେ ଅଭୟାରଣ୍ୟର ସବୁଜିମାକୁ ଧୂଳିସାତ୍ କରିଦେଇଥିଲା। ବାତ୍ୟାରେ ଲକ୍ଷଲକ୍ଷ ଗଛ ଧରାଶାୟୀ ହୋଇଥିବା ବେଳେ ହରିଣ ଏଣେତେଣେ ପଳାଇଯାଇଥିଲେ। ବାତ୍ୟାର କିଛିଦିନ ପରେ ଯଦିଓ ସେମାନେ ଫେରିଥିଲେ କିନ୍ତୁ ହରିଣଙ୍କ ସଂଖ୍ୟା କମିଛି। ହେଲେ ଦ୍ରୁତ ସହରୀକରଣ ଯୋଗୁଁ ଏହା ମଧ୍ୟରେ ରହୁଥିବା ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ଗୋଟିଏପଟେ ଜଙ୍ଗଲ ସଂକୁଚିତ ହେଉଥିବାବେଳେ ଅନ୍ୟପଟେ ବନ୍ୟପ୍ରାଣୀଙ୍କ ବାସ ପାଇଁ ସଙ୍କଟ ସୃଷ୍ଟି ହେଲାଣି। ବିଶେଷକରି ହରିଣଙ୍କ ପାଇଁ ଖାଦ୍ୟ ଓ ପାନୀୟ ସଙ୍କଟ ଯୋଗୁ ବେଳେବେଳେ ସେମାନେ ମୃତାହତ ହେଉଛନ୍ତି। ବାତ୍ୟାରେ ଅଭୟାରଣ୍ୟର ଏକର ଏକର ଜାଗାରୁ ଗଛ ଉପୁଡିଯିବାରୁ ସେହି ସ୍ଥାନ ଫାଙ୍କା ରହିଛି। ପୂର୍ବରୁ ହରିଣଙ୍କୁ ଯେଉଁଭଳି ପର୍ଯ୍ୟାପ୍ତ ସବୁଜ ଘାସ ମିଳୁଥିଲା, ତାହା ଆଉ ମିଳୁନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖାଦ୍ୟ ତ ଯାହା ଯେମିତି ଜଙ୍ଗଲରୁ ପାଉଛନ୍ତି ହେଲେ ପାଣିର ଘୋର ଅଭାବ ଦେଖାଦେଇଛି। ଖରା ଆସିଲାଣି, ଆଗକୁ ଆହୁରି ତାତି ବଢ଼ିବ। ତେଣୁ ପାଣି ପାଇଁ ହରିଣ ଉହଳବିକଳ ହୋଇ ଜନବସତିମୁହାଁ ହେବେ। ଫଳରେ ବିପଦରେ ପଡ଼ିବା ଏକପ୍ରକାର ନିଶ୍ଚିତ ବୋଲି କହିଛନ୍ତି ପ୍ରକୃତିବନ୍ଧୁ ସରୋଜ କୁମାର ଜେନା।

ନିକଟରେ ଶ୍ରୀ ଜେନା ଏ ସମ୍ପର୍କରେ ପୁରୀ ବନଖଣ୍ଡ ଅଧିକାରୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଅଭୟାରଣ୍ୟ ମଧ୍ୟରେ ହରିଣଙ୍କ ଶୋଷ ମେଣ୍ଟାଇବା ପାଇଁ ଖୋଳାଯାଇଥିବା ଚୁଆ ଅବସ୍ଥା ଏବେ ନ କହିବା ଭଲ। ପ୍ରାୟ ସବୁ ଚୁଆ ପୋତି ହୋଇଯିବା ଫଳରେ ଶୁଖିଲା ପଡ଼ିଛି। ଖରା ଆରମ୍ଭରୁ ଯଦି ଚୁଆର ଅବସ୍ଥା ଏମିତି ଆଗକୁ ପରିସ୍ଥିତି କ'ଣ ହେବ ତାହା ଏଥିରୁ ଅନୁମେୟ। ତାଙ୍କ ମତରେ ଚୁଆ ଖୋଳିବା ପାଇଁ ବନ ବିଭାଗ ଯାହାକୁ ଦାୟିତ୍ୱ ଦେଉଛି ତାହାର ରକ୍ଷଣାବେକ୍ଷଣ ମଧ୍ୟ ସମ୍ପୃକ୍ତ ସଂସ୍ଥା ବା ବ୍ୟକ୍ତିଙ୍କୁ ଦିଆଯିବା ଦରକାର। କିଛିବର୍ଷ ପାଇଁ ଚୁଆ ଯେପରି ଠିକ୍‌ଠାକ୍ ଏଥିରେ ପର୍ଯ୍ୟାପ୍ତ ପାଣି ରହିବ, ସେନେଇ ତଦାରଖ କରିବାକୁ କୁହାଗଲେ ଏଭଳି ପରିସ୍ଥିତି ଉପୁଜନ୍ତା ନାହିଁ। ସେହିପରି ବାଲିରେ ଚୁଆ ଖୋଳାଯାଉଥିବାରୁ ହରିଣ ପାଣି ପିଇବାକୁ ଆସିଲେ ବାଲି ଧସି ତାହା ଶୀଘ୍ର ପୋତି ହୋଇଯାଉଛି। ତେଣୁ ଏହାର ବିକଳ୍ପ ଚିନ୍ତା କରି ପଦକ୍ଷେପ ନିଆଯାଇପାରନ୍ତା। ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ସିମେଣ୍ଟ କୁଣ୍ଡ ତିଆରି କରି ଏହା ମଧ୍ୟକୁ ଯଦି ପାଇପ ଯୋଗେ ଜଳଯୋଗାଣର ବ୍ୟବସ୍ଥା କରାଯାନ୍ତା ତେବେ ଏହି ସମସ୍ୟା ବୋଧେ ହୁଅନ୍ତା ନାହିଁ। ପ୍ରତିବର୍ଷ ଚୁଆ ଖୋଳିବାରେ ଟଙ୍କା ଖର୍ଚ୍ଚ ହେଉଛି। ଯଦି ଗୋଟିଏଥର ବଡ଼ବଡ଼ ସିମେଣ୍ଟ କୁଣ୍ଡ କରାଯାଇ ଏହାକୁ ପାଇପ୍ ଜଳଯୋଗାଣର ବ୍ୟବସ୍ଥା ହୁଅନ୍ତା ତେବେ ହରିଣ ସୁବିଧାରେ ପାଣି ପାଇପାରନ୍ତେ। କିନ୍ତୁ ତାହା କରାଯାଉ ନାହିଁ।

ବାଲୁଖଣ୍ଡରେ ପର୍ଯ୍ୟାପ୍ତ ପିଇବା ପାଣି ଅଭାବ ଯୋଗୁ ଅନେକ ସମୟରେ ହରିଣ ଜନବସତିମୁହାଁ ହେଉଛନ୍ତି। କେତେବେଳେ ରାସ୍ତା ପାର୍ ବେଳେ ଗାଡ଼ିମୋଟର ଦୁର୍ଘଟଣାର ଶିକାର ହୋଇ ମୃତାହତ ହେଉଛନ୍ତି ତ ପୁଣି କେତେବେଳେ ବୁଲା କୁକୁର ଏବଂ ମଣିଷଙ୍କର ବି ଶିକାର ପାଲଟିଯାଉଛନ୍ତି। ନିୟମିତ ଏହି ଖବର ଆସୁଛି। ଆଗକୁ ଖରା ବଢ଼ିବ। ତେଣୁ ହରିଣଙ୍କ ସୁରକ୍ଷା ପାଇଁ ବନ ବିଭାଗ ଏବେଠାରୁ ଯୋଜନା କରିବା ଆବଶ୍ୟକ ବୋଲି ଶ୍ରୀ ଜେନା କହିଛନ୍ତି।





## ବେପରୁଆ ଗାଡ଼ି ଚାଳକ ଗିରଫ

ବାଲିଅନ୍ତା,୨୨ ।୩(ସମିସ): ବାଲିଅନ୍ତା ଥାନା ପୁଲିସ ଅଭିଯୋଗକାରୀ ନିଲମ କୁମାର ସ୍ୱାଇଁଙ୍କ ଅଭିଯୋଗ ଭିତ୍ତିରେ ଆଜି ଜଣେ ବେପରୁଆ ଗାଡ଼ି ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଚାଳକ ହେଲେ କଟକ ଜିଲ୍ଲା ଗୋବିନ୍ଦପୁର ଥାନା ମଣିକୁଦ ଗ୍ରାମର ଶୁଭେନ୍ଦୁ ମଲ୍ଲିକ ଓରଫ ଚୁମିନ । ସୂଚନାଯୋଗ୍ୟ ଯେ, ଗତ ୧୯ ତାରିଖ ଅପରାହ୍ଣରେ ଅଭିଯୋଗକାରୀଙ୍କର ସମ୍ପର୍କୀୟ ମାମୁ ବିଧାନ ଚନ୍ଦ୍ର ମଲ୍ଲିକ ଅଡ଼ଶପୁରରୁ ଭୁବନେଶ୍ୱରକୁ ସ୍କୁଟି ଯୋଗେ ଆସୁଥିଲେ । ସେହି ସମୟରେ ଶୁଭେନ୍ଦୁ ଗୋଟିଏ ପିକଅପ୍ ଭ୍ୟାନ୍‌କୁ ଦ୍ରୁତଗତିରେ ପ୍ରତାପରୁଦ୍ରପୁର ଗାଁ ରାସ୍ତାରେ ଆସି ବିଧାନ ଚନ୍ଦ୍ର ମଲ୍ଲିକ ଚଳାଉଥିବା ସ୍କୁଟିକୁ ଧକ୍କା ଦେଇଥିଲେ । ଘଟଣା ସ୍ଥଳରେ ସେ ତଳେ ପଡ଼ିଯାଇଥିଲେ ଏବଂ ତାଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଅଡ଼ଶପୁର ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାଲିଅନ୍ତା ପୁଲିସ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡ଼ିଛି ।

## ଶାଗୁଆନ କାଠ ଚୋରି କରି ଜଣେ ଗିରଫ



ଭୁବନେଶ୍ୱର,୨୨।୩(ସମିସ): ନିର୍ମାଣଧୀନ ସାଇଟ୍‌ରୁ ଶାଗୁଆନ କାଠ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ତମାଣ୍ଡୋ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଡୁମୁଡୁମା ରଘୁନାଥ ନଗରର ଶଙ୍କର ଡାକୁଆ (୨୮) । ପୁଲିସ ସୂଚନା ଅନୁସାରେ, ପ୍ରତାପ କୁମାର ଛୋଟରାୟ ତାଙ୍କ ଘର ନିର୍ମାଣ ନିମନ୍ତେ କିଛି ଶାଗୁଆନ କାଠ, ଗୋଟିଏ ପାଣି ଟାଙ୍କି ଓ ଅନ୍ୟାନ୍ୟ ଘର ତିଆରି ସାମଗ୍ରୀ ରଣସିଂହପୁରସ୍ଥିତ ନିର୍ମାଣଧୀନ ଘରେ ରଖିଥିଲେ । ଶଙ୍କର ଗତ ବୁଧବାର ଦିନ ସେହି ସାମଗ୍ରୀକୁ ଚୋରି କରି ନେଇ ଯାଇଥିଲା । ଏ ନେଇ ଶ୍ରୀ ଛୋଟରାୟ ତମାଣ୍ଡୋ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଆଜି ଶଙ୍କରକୁ ଗିରଫ କରିବା ସହିତ ତା' ଠାରୁ ୩୮ଟି ଶାଗୁଆନ କାଠ ଓ ଗୋଟିଏ ପାଣି ଟାଙ୍କି ଜବତ କରିଥିଲା ।

## ସ୍କର୍ପିଓ ଚୋରି କରି ୨ ଗିରଫ




ଭୁବନେଶ୍ୱର,୨୨।୩ (ସମିସ): ସ୍କର୍ପିଓ ଗାଡ଼ି ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ଗଙ୍ଗନଗରର ରାଜା ଓରଫ୍ ସିଦ୍ଧାର୍ଥ ରାଉତରାୟ (୨୪) ଓ ସୂର୍ଯ୍ୟନଗର ପିଡବ୍ଲୁଡି କଲୋନୀର ସୋମନାଥ ଡାକୁଆ ଓରଫ୍ ସୋନୁ (୨୧) । ସୂଚନା ଅନୁସାରେ, ଗତ ୧୦ ତାରିଖ ଦିନ ନଁପୁଟର କମ୍ଳପାଣି ପାତ୍ର ତାଙ୍କ ସ୍କର୍ପିଓ ଯୋଗେ ଉଦୟଗିରି ବିହାରସ୍ଥିତ ନିର୍ମାଣାଧୀନ ସାଇଟ୍‌କୁ ଆସିଥିଲେ । ନିକଟରେ ସ୍କର୍ପିଓ ପାର୍କିଂ କରି ସାଇଟ୍‌କୁ ଯାଇଥିବାବେଳେ ସୋନୁ ଓ ରାଜା ସେହି ଗାଡ଼ିକୁ ଚୋରି କରି ନେଇଥିଲେ । ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା । ଘଟଣାସ୍ଥଳ ପାଖରେ ଥିବା ଏକ ଲଜ୍‌ରେ ରାଜା ଓ ସୋନୁ ରହୁଥିଲେ ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଥିଲା । ଆଜି ସେମାନେ ଚୋରି ସ୍କର୍ପିଓକୁ ବିକ୍ରି କରିବାକୁ ନେଉଥିବାବେଳେ ଖଣ୍ଡଗିରି ଥାନାର ଏକ ଟିମ୍ ଚଢ଼ଉ କରି ଗାଡ଼ି ଜବତ କରିବା ସହିତ ସୋନୁ ଓ ରାଜାକୁ ଗିରଫ କରିଥିଲା । ସେମାନେ ଗାଡ଼ି ଚୋରି କରି ୟୁନିଟ୍ ୧ ସ୍ଥିତ ଏକ ପରିତ୍ୟକ୍ତ ସ୍ଥାନରେ ଲୁଚାଇଥିଲେ ଓ ଆଜି ବିକ୍ରି କରିବାକୁ ନେଉଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ । ତଦନ୍ତ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ଝାରପଡ଼ା ଜେଲ୍ ଗ୍ୟାଙ୍ଗୱାର ଘଟଣା

**୨ ୱାର୍ଡରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ**

# ଜଣେ ନିଲମ୍ବିତ, ଅନ୍ୟକୁ ବଦଳି ଛାଟ




**ନିରପେକ୍ଷ ତଦନ୍ତ ନେଇ ସନ୍ଦେହ**

**କାମ କରୁନି ଜାମର, ମେଣ୍ଟାଲ୍ ଡିଟେକ୍ଟର**

ଭୁବନେଶ୍ୱର,୨୨ ।୩(ସମିସ): ଝାରପଡ଼ା ଜେଲ୍ ଗ୍ୟାଙ୍ଗୱାର ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସଂପୃକ୍ତ ବିଭାଗ । କାର୍ଯ୍ୟରେ ଅବହେଳା ପାଇଁ ୨ଜଣ ୱାର୍ଡରଙ୍କ ମଧ୍ୟରୁ ଜଣଙ୍କୁ ନିଲମ୍ବିତ କରାଯାଇଥିବାବେଳେ ଆଉଜଣଙ୍କୁ ବଦଳି ଛାଟ ବାଜିଛି । ସେ ଦୁଇଜଣ ହେଲେ ୱାର୍ଡର ପ୍ରଭାତ ମହାରଣା ଓ ମଙ୍ଗୁଳି ସେଠୀ । ପ୍ରଭାତଙ୍କୁ ଜେଲ୍ କର୍ତ୍ତୃପକ୍ଷ ନିଲମ୍ବିତ କରିଥିବା ବେଳେ ରାତି ଡ୍ୟୁଟିରେ ଥିବା ଚିଫ୍ ୱାର୍ଡର ମଙ୍ଗୁଳି ସେଠୀଙ୍କୁ ବଦଳି କରାଯାଇଛି । ହାଇସିକ୍ୟୁରିଟି ସେଲ୍ ଦାୟିତ୍ୱରେ ଥିବା ପ୍ରଭାତ କୁଖ୍ୟାତ ଅପରାଧୀ ଚକରା ବାରିକକୁ ଅନୁକମ୍ପା ଦେଖାଇଥିବା ଅଭିଯୋଗରେ ନିଲମ୍ବିତ କରାଯାଇଛି । ଚକରା ଉପରେ ସେ ନଜର ନରଖି ତାକୁ ଖୋଲା ଛାଡ଼ିଥିବା ସିସିଟିଭି ଫୁଟେଜ୍‌ରୁ ସ୍ପଷ୍ଟ ହୋଇଛି । ସିସିଟିଭି ଫୁଟେଜ୍‌କୁ ଆଧାର କରି ପ୍ରଭାତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅନୁରୂପ ଭାବେ କାର୍ଯ୍ୟରେ ଅବହେଳା ଅଭିଯୋଗରେ ମଙ୍ଗୁଳିଙ୍କୁ ବଦଳି କରିଛନ୍ତି ଜେଲ କର୍ତ୍ତୃପକ୍ଷ । ସୂଚନାଯୋଗ୍ୟ, ମାର୍ଚ୍ଚ ୧୯ ତାରିଖ ରାତିରେ ଝାରପଡ଼ା ଜେଲରେ ଗ୍ୟାଙ୍ଗୱାର ହୋଇଥିଲା । ଚକରା ଓ ଶମ୍ଭୁ ଗ୍ୟାଙ୍ଗ ମଧ୍ୟରେ ତୀବ୍ର ଗଣ୍ଡଗୋଳରୁ ରକ୍ତପାତ ହୋଇଥିଲା । ଘଟଣାକୁ ନେଇ ଜେଲ କର୍ତ୍ତୃପକ୍ଷଙ୍କ ଏତଲା ପରେ ଲକ୍ଷ୍ମୀସାଗର ଥାନାରେ ମାମଲା ରୁଜୁ ହୋଇଥିଲା । ଘଟଣାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ପରେ ପଦକ୍ଷେପ ନିଆଯାଇଥିଲା । ମାର୍ଚ୍ଚ ୨୦ ତାରିଖରେ କମିସନରେଟ୍ ପୁଲିସ ପକ୍ଷରୁ ଝାରପଡ଼ା ଜେଲରେ ଚଢ଼ଉ କରାଯାଇଥିଲା । ଚଢ଼ଉବେଳେ କମନ୍ ଏରିଆରୁ କିଛି ଗଞ୍ଜେଇ, ବିଡ଼ି, ସିଗାରେଟ୍ ଓ ଲାଇଟର୍ ମିଳିଥିବା ଡିସିପି ସୂଚନା ଦେଇଥିଲେ ।

## ୪ ଧଳାଜହର ବେପାରୀ ଗିରଫ

ଭୁବନେଶ୍ୱର,୨୨ ।୩(ସମିସ): ଅବକାରୀ ବିଭାଗ ରସୁଲଗଡ଼ ଏବଂ ନୂଆପଲ୍ଲୀ ସିଆର୍‌ପି ଛକରେ ଚଢ଼ଉ କରି ୪ଜଣ ନିଶା ବେପାରୀଙ୍କୁ ଗିରଫ କରିଛି । ରସୁଲଗଡ଼ରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ବେଳେ ସିଦ୍ଧାର୍ଥ ଶଙ୍କର ଦାସ ଓ ବାସୁଦେବ ନାହାକକୁ ଗିରଫ କରାଯାଇଛି । ଅବକାରୀ ଦଳ ସିଦ୍ଧାର୍ଥ ନିକଟରୁ ୭୫ ଗ୍ରାମ ଓଜନର ଧଳାଜହର ଜବତ କରିଥିବା ବେଳେ ବାସୁଦେବ ନିକଟରୁ ୬୨ ଗ୍ରାମ ଓଜନର ଧଳାଜହର ଜବତ କରିବାରେ ସକ୍ଷମ ହୋଇଛନ୍ତି । ସେହିପରି ସିଆରପି ଛକରେ ଚଢାଉ କରାଯାଇ ମୁଣ୍ଡାସାହି ବସ୍ତିର ସଞ୍ଜିବ କୁମାର ମଲ୍ଲିକ ଏବଂ ଜଗା ମହାନ୍ତିଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ୪୫ ଗ୍ରାମର ବ୍ରାଉନ୍‌ସୁଗର୍ ଜବତ କରାଯାଇଛି ।

## ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୨ ।୩(ସମିସ): ଏୟାରପୋର୍ଟ ଥାନା ପଳାସପଲ୍ଲୀରେ ରହୁଥିବା ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟା କରିଥିବା ଯୁବକ ଜଣଙ୍କ ହେଲେ ଅଶୋକ ମିଶ୍ର(୩୫) । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମେନ୍ତ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି । ପୁଲିସ ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି । ଅଶୋକ ଶ୍ରମିକଭାବେ କାମ କରିବା ସହ ପଳାସପଲ୍ଲୀରେ ଘର ଭଡ଼ା ନେଇ ରହୁଥିଲେ । ହେଲେ ଗତ କିଛିଦିନ ହେବ ସେ ମାନସିକ ଭାରସାମ୍ୟ ହରାଇଥିଲେ । ତେଣୁ ଯେଉଁ କାରଣରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି ।

# ଜମି ନେଇ ଟଙ୍କା ଦେଲେନି, ବନ୍ଧାହେଲେ ମଧ୍ୟସ୍ଥ



ମାଲିକ ଫେରାର

ଭୁବନେଶ୍ୱର,୨୨।୩ (ସମିସ): ମାଲିକ ପାଖରେ ଦୀର୍ଘ ବର୍ଷ ହେବ ମ୍ୟାନେଜର ଭାବେ କାମ କରୁଥିଲା । ମାଲିକ ଜମି ବିକିବା ସମୟରେ ଟଙ୍କା ଦେବ ବୋଲି ଗ୍ୟାରେଣ୍ଟର ପଡ଼ିଲା । ହେଲେ ଜମି ପଞ୍ଜୀକରଣ ପରେ ଟଙ୍କା ଦେବା ଦୂରରେ ଥାଉ, ଧରା ଛୁଆଁ ବି ଦେଇନଥିଲା । ଏଭଳି ଢଙ୍ଗରେ ୪୨ ଲକ୍ଷ ଟଙ୍କା ଠକିଥିବା ମ୍ୟାନେଜର ତଥା ଜମି କାରବାରର ମଧ୍ୟସ୍ଥିକୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ବ୍ରହ୍ମପୁର ବଡ଼ ବଜାର ଥାନା ପ୍ରେମ ନଗରର ଶୁଭ୍ରାଂଶୁ ଭୂଷଣ ମିଶ୍ର (୪୦) । ପୁଲିସ ସୂଚନା ଅନୁସାରେ, ବ୍ରହ୍ମପୁରର ପ୍ରଭାକର ମହାପାତ୍ର କୋଳଥିଆରେ ରହି ବ୍ୟବସାୟ କରନ୍ତି । ଶୁଭ୍ରାଂଶୁ ଘର ବ୍ରହ୍ମପୁର ଅଞ୍ଚଳର ହୋଇଥିବାରୁ ସେ ୨୦୧୦ ମସିହାରେ ପ୍ରଭାକରଙ୍କ ଯୋଗାଯୋଗରେ ଆସିବା ପରେ ତାଙ୍କ ଫ୍ୟାକ୍ଟ୍ରିରେ ମ୍ୟାନେଜର ଭାବେ କାମ କରିବା ସହ ତାଙ୍କ ଘରେ ରହି ଘରର ସବୁ କାମ ତଦାରଖ କରି ଆସୁଥିଲା । ପ୍ରଭାକର କରୋନା ମହାମାରୀ ସମୟରେ ବ୍ୟବସାୟ ବୃଦ୍ଧି ପାଇଁ ଆଣିଥିବା ଋଣର କିସ୍ତି ଶୁଝି ପାରିନଥିଲେ । ତେଣୁ ସେ ଜଟଣୀ ପଦନପୁର ମୌଜାରେ ଥିବ କିଛି ପ୍ଲଟ୍‌କୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ । ଏହାର ସୁଯୋଗ ନେଇ ଶୁଭ୍ରାଂଶୁ ଠକେଇ କରିବା ଉଦ୍ଦେଶ୍ୟରେ ଗ୍ରାହକ ଯୋଗାଡ଼ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ଶୁଭ୍ରାଂଶୁ ତାର ଜଣେ ପରିଚିତ ଲୋକକୁ ଆଣି ଗ୍ରାହକ ଭାବେ ପ୍ରଭାକରଙ୍କ ସହିତ ପରିଚିତ କରାଇଥିଲା । ସେହି ପ୍ଲଟ ବିକ୍ରି ନିମନ୍ତେ ଧାର୍ଯ୍ୟ ହୋଇଥିବା ସମୁଦାୟ ୪୨ ଲକ୍ଷ ୨୪ ହଜାର ଟଙ୍କାର ଗ୍ୟାରେଣ୍ଟର ପଡ଼ିଥିଲା । ଶୁଭ୍ରାଂଶୁ ଗ୍ୟାରେଣ୍ଟର ଭାବରେ ୨୫ ଲକ୍ଷ ଟଙ୍କାର ୩ଟି ଚେକ୍ ପ୍ରଭାକରଙ୍କୁ ଦେବା ସହିତ ଜମି ପଞ୍ଜୀକରଣର ୨୪ ଘଣ୍ଟା ମଧ୍ୟରେ ବାକି ୧୭ ଲକ୍ଷ ୨୪ ହଜାର ଟଙ୍କା ଦେବା ବୋଲି ପ୍ରତିଶ୍ରୁତି ଦେଇଥିଲା । ପ୍ରଭାକର ତା' କଥାରେ ବିଶ୍ୱାସ କରିବା ସହିତ ଜଟଣୀ ସବ ରେଜିଷ୍ଟ୍ରାର ଅଫିସକୁ ଯାଇ ଶୁଭ୍ରାଂଶୁ କହିବା ମୁତାବକ ତାର ପରିଚିତି ବ୍ୟକ୍ତିଙ୍କ ନାମରେ ଜମି ପଞ୍ଜିକରଣ କରାଇଥିଲେ । ଏହା ପରେ ଟଙ୍କା ମାଗିବାରୁ ଶୁଭ୍ରାଂଶୁ ଟଙ୍କା ନଦେବା ପାଇଁ ଅନେକ ବାହାନା କରିଥିଲେ ମଧ୍ୟ କୌଣସି ଟଙ୍କାଟିଏ ଦେଇନଥିଲା । ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ଟଙ୍କା ନଥିବାରୁ ସେ ଦେଇଥିବା ଚେକ ଗୁଡ଼ିକ ମଧ୍ୟ ବ୍ୟାଙ୍କ ଦ୍ୱାରା ରଦ୍ଦ ହୋଇ ଯାଇଥିଲା । ପ୍ରଭାକର ପୁଣି ଟଙ୍କା ମାଗିବାରୁ ଶୁଭ୍ରାଂଶୁ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲା । ଏନେଇ ଶ୍ରୀ ମହାପାତ୍ର ଗତବର୍ଷ ଏପ୍ରିଲ ମାସରେ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଆଜି ଶୁଭ୍ରାଂଶୁକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜମି କିଣିଥିବା ମାଲିକ ଏପର୍ଯ୍ୟନ୍ତ ଫେରାର ରହିଥିବାବେଳେ ପୁଲିସ ତାର ପତ୍ତା ପାଇ ପାରିନାହିଁ ।

**ଦୁଇ ମାସରେ ଶୁଣାଣି ଶେଷ**

# ବ୍ୟାଟେରି ଚୋରକୁ ୬ ମାସ ଜେଲ୍

**ଚଳିତ ବର୍ଷ ୨୬ଟି ମାମଲାରେ ଦୋଷୀ ସାବ୍ୟସ୍ତ**



ଭୁବନେଶ୍ୱର,୨୨।୩ (ସମିସ): ଭୁବନେଶ୍ୱରସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ୩ ର ବିଚାରପତି ପୂଜା ଜୈନ ମାତ୍ର ଦୁଇ ମାସରେ ଏକ ଚୋରି ମାମଲାର ଶୁଣାଣି ଶେଷ କରିଛନ୍ତି । ଅଭିଯୁକ୍ତ ଶେଖ ମୁସ୍ତାକିନକୁ ଦୋଷୀ ସାବ୍ୟସ୍ତ କରିବା ସହିତ ୬ ମାସ ଜେଲ୍ ଦଣ୍ଡ ଶୁଣାଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ସଞ୍ଜୟ କୁମାର ସାହୁ ଗତ ଜାନୁୟାରୀ ମାସ ୨୧ ତାରିଖ ଦିନ ନିଜ ଅଟୋକୁ ସହିଦନଗର ଥାନା ଅନ୍ତର୍ଗତ ଭେଟେରିନାରି ହସ୍ପିଟାଲ ନିକଟରେ ପାର୍କିଂ କରି ନିକଟସ୍ଥ ଦୋକାନରେ ଚା' ପିଉଥିଲେ । ମୁସ୍ତାକିନ ଏହାର ସୁଯୋଗ ନେଇ ଅଟୋରୁ ବ୍ୟାଟେରି ଚୋରି କରି ନେଉଥିବାବେଳେ ସଞ୍ଜୟ ସ୍ଥାନୀୟ ଲୋକଙ୍କ ସହ ମିଶି ମୁସ୍ତାକିନକୁ କାବୁ କରି ପୁଲିସ ଜିମା ଦେବା ସହିତ ସହିଦନଗର ଥାନାରେ ଅଭିଯୋଗ କରିଥିଲେ । ସହିଦନଗର ଥାନା ପୁଲିସ କେସ ନଂ - ୨୭/୨୦୨୪ ରଜ ଦଫା - ୩୭୯ ଆଇପିସି ଏକ ମାମଲା ରୁଜୁ କରିବା ସହ ଏସ୍‌ଆଇ ବିଜୟ କୁମାର ଦାସଙ୍କୁ ତଦନ୍ତ ଭାର ଦେଇଥିଲେ । ଶ୍ରୀ ଦାସ ଅଭିଯୁକ୍ତ ଶେଖ ମୁସ୍ତାକିନ ଠାରୁ ବ୍ୟାଟେରି ଜବତ କରିବା ସହିତ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହି ମାମଲାରେ ଅଦାଲତ ସାକ୍ଷୀମାନଙ୍କ ବୟାନ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଅଦାଲତ ଶେଖ ମୁସ୍ତାକିନକୁ ଦଫା-୩୭୯ରେ ୬ ମାସର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର କଳ୍ପତରୁ ସାହୁ ଓ ସରୋଜ କୁମାର ସ୍ୱାଇଁ ମାମଲା ଏହି ମାମଲାକୁ ପରିଚାଳନା କରିଥିଲେ । ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ତରଫରୁ ଚଳିତ ବର୍ଷ ଏଯାବତ ୨୬ ଟି ମାମଲାର ଶୁଣାଣି ଶେଷ ହୋଇ ଦୋଷୀଙ୍କୁ ସଜା ହୋଇଛି ।

### ତ୍ରିକୋଣୀୟ ପ୍ରେମରୁ ହତ୍ୟା ଘଟଣା

# ଧରାପଡ଼ିଲେ ୪ ସହଯୋଗୀ

**ଜେଜେବିରେ ହାଜର ହେଲେ ନାବାଳକ**

ଭୁବନେଶ୍ୱର,୨୨ ।୩(ସମିସ): ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟଣାରେ ଲକ୍ଷ୍ମୀସାଗର ଥାନା ପୁଲିସ ଶୁକ୍ରବାର ଜଣେ ନାବାଳକ ସମେତ ୪ଙ୍କୁ ଧରିଛି । ସେମାନଙ୍କ ନିକଟରୁ ହତ୍ୟାକାଣ୍ଡ ଦିନ ବ୍ୟବହୃତ ୨ଟି ସ୍କୁଟିକୁ ପୁଲିସ ଜବତ କରିଛି । ଗିରଫ ଅଭିଯୁକ୍ତ ହେଲେ ବଡଗଡ଼ ଥାନା ବିଜେବି ନଗର ଅରବିନ୍ଦ କଲୋନୀରେ ରହୁଥିବା ଅନୁଗୋଳ ଜିଲ୍ଲା ରେଙ୍ଗାଲି ଅଞ୍ଚଳର ସ୍ୱୟଂଶୁ ସାହୁ, ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅଞ୍ଚଳର ସମୀର ଜେନା, ଶ୍ରୀଲିଙ୍ଗରାଜ ଥାନା ଅଧୀନ ନାଗେଶ୍ୱର ଟାଙ୍ଗୀ ଅଞ୍ଚଳରେ ରହୁଥିବା ଗଞ୍ଜାମ କବିସୂର୍ଯ୍ୟନଗର ଥାନା ଅଞ୍ଚଳର ଟୁକୁଲି ଜେନା ଓ ଜଣେ ନାବାଳକ । ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ (ଜେଜେବି)ରେ ହାଜର କରାଯାଇଛି । ଅଭିଯୁକ୍ତ ସମୀର ନାମରେ ଲକ୍ଷ୍ମୀସାଗର ଥାନାରେ ପୂର୍ବରୁ ଏକ ମାମଲା ରହିଛି । ଉପରୋକ୍ତ ହତ୍ୟାକାଣ୍ଡରେ ଏମାନଙ୍କ ସମ୍ପୃକ୍ତି ଅଛନ୍ତି । ଅଭିଯୁକ୍ତଙ୍କ ଅପରାଧିକ ପୃଷ୍ଠଭୂମି ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ଏସିପି କେ.ପି ମିଶ୍ର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ଘଟଣାରେ ଗତ ୨୦ ତାରିଖ ଦିନ ପୁଲିସ ମୁଖ୍ୟ ଅଭିଯୁକ୍ତ କାହ୍ନା ପ୍ରଧାନ ଓରଫ ପିଙ୍କୁ ଓ ପ୍ରେମିକା ନିହାରିକା ବେହେରାଙ୍କୁ ଗିରଫ କରିଥିଲା । ପୁଲିସ ସୂତ୍ରରୁ ପ୍ରକାଶ, ଚିନ୍ତାମଣିଶ୍ୱରରେ ରହୁଥିବା ନିହାରିକା ଓ ଗୌତମ ସାହୁ ନାମକ ଯୁବକ ସାଙ୍ଗ ହୋଇ ପାଠ ପଢୁଥିଲେ । ସେବେଠାରୁ ଗୌତମ ତାଙ୍କୁ ପ୍ରେମ ନିବେଦନ କରି ଆସୁଥିଲା । ହେଲେ ପିଙ୍କୁ ସହିତ ନିହାରିକାର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଏହାକୁ ନେଇ ପୂର୍ବରୁ ପିଙ୍କୁ ଓ ଗୌତମ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ମଧ୍ୟ ହୋଇଥିଲା । ପିଙ୍କୁ ଗତ ୧୬ ତାରିଖ ଦିନ ଦେଖା କରିବା ପାଇଁ ଗୌତମକୁ ଡାକିଥିଲା, ହେଲେ ସେ ଆସିନଥିଲା । ପରେ ନିହାରିକା ମଧ୍ୟ ତାଙ୍କୁ ଆସିବା ପାଇଁ କହିଥିଲା । ସେ ଏକ କ୍ୟାଟ୍ରିଂ କାମରେ ଜଟଣୀ ଯାଇଥିବା ପିଙ୍କୁ ଓ ନିହାରିକା ଜାଣିବା ପରେ ତାକୁ ହତ୍ୟା କରିବା ପାଇଁ ରାତିରେ ଚିନ୍ତାମଣିଶ୍ୱର ଚମ୍ପା ପୋଖରୀ ନିକଟରେ ପ୍ରେମୀଯୁଗଳଙ୍କ ସମେତ ଉପରୋକ୍ତ ୪ ଜଣ ସହଯୋଗୀ ଜଗି ରହିଥିଲେ । କାମ ସାରି ଗୌତମ ଓ ତା'ର ସାଙ୍ଗ ଅଞ୍ଜନ ବେହେରା ରାତି ପ୍ରାୟ ୨ଟାରେ ଘରକୁ ଫେରୁଥିଲେ । ଏହି ସମୟରେ ସେମାନଙ୍କ ସହ ଚମ୍ପା ପୋଖରୀ ନିକଟରେ ଦେଖା ହୋଇଥିଲା । ପିଙ୍କୁ ପ୍ରେମ ବ୍ୟାପାରକୁ ନେଇ ଗୌତମକୁ ଧମକ ଚମକ ଦେଇଥିଲା । ସାଙ୍ଗ ଅଞ୍ଜନ ଏହାକୁ ବିରୋଧ କରିଥିଲା । ଏଥିରେ ଉତକ୍ଷିପ୍ତ ହୋଇ ପୂର୍ବ ପ୍ରସ୍ତୁତ ଥିବା ପିଙ୍କୁ ଏକ ଖଣ୍ଡାରେ ହାଣି ଅଞ୍ଜନକୁ ହତ୍ୟା କରିଥିଲା । ଏନେଇ ମୃତ ଅଞ୍ଜନଙ୍କ ମା' ସନ୍ଧ୍ୟାରାଣୀ ବେହେରା ଥାନାରେ ଏତଲା ଦେଇଥିଲେ । ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଶେଷର ପିଙ୍କୁ ଓ ନିହାରିକାଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିଲା । ହେଲେ ଉପରୋକ୍ତ ୪ ସହଯୋଗୀ ଫେରାର ରହିଥିଲେ । କଟକ ଅଞ୍ଚଳରେ ଚଢ଼ଉ କରି ପୁଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛି ।

## ଜମି ବିକ୍ରି ନାଁରେ ୫୧ ଲକ୍ଷ ଠକେଇ; ଜଣେ ଗିରଫ



୫୦ ଲକ୍ଷ ଟଙ୍କାର ଋଣ କରିଥିଲେ

ଭୁବନେଶ୍ୱର,୨୨।୩ (ସମିସ): ଜମି ବିକ୍ରି କରିବା ଆଳରେ ୫୧ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ଗୋବିନ୍ଦପୁର ଥାନା ରାହାମ୍ବା ଗାଁର ଆଦିତ୍ୟ ରଞ୍ଜନ ଦାସ (୫୭) । ପୁଲିସ ସୂଚନା ଅନୁସାରେ, ଆଶୁତୋଷ ସାହୁ ଏକ ଜମି କିଣିବାକୁ ଚାହୁଁଥିବାରୁ ସେ ତାଙ୍କ ଡ୍ରାଇଭରଙ୍କ ଜରିଆରେ ଆଦିତ୍ୟ ସହ ଯୋଗାଯୋଗରେ ଆସିଥିଲେ । ସେ ଆଇଗିଣିଆ ମୌଜାରେ ଥିବା ମମତା ମହାନ୍ତିଙ୍କର ଏକ ଘରବାରି ପ୍ଲଟ୍‌କୁ ବିକ୍ରି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା । ଆଶୁତୋଷ ଅଗ୍ରୀମ ବାବଦକୁ ଆଦିତ୍ୟ ମଧ୍ୟସ୍ଥତାରେ ପ୍ଲଟ୍ ମାଲିକଙ୍କୁ ୧୦ ଲକ୍ଷ ଟଙ୍କା ଦେବା ସହିତ ଚୁକ୍ତିପତ୍ର କରିଥିଲେ । ପୁଣି ଆଦିତ୍ୟ କହିବା ମୁତାବକ ଆଶୁତୋଷ ୨୦ ଲକ୍ଷ ଟଙ୍କା ମମତାଙ୍କୁ ଦେଇଥିଲେ ଓ ପରବର୍ତ୍ତୀ ସମୟରେ ଆଦିତ୍ୟ ମମତାଙ୍କୁ ଦେବାକୁ କହି ୨୧ ଲକ୍ଷ ଟଙ୍କା ନେଇଥିଲା । ପରେ ପରେ ଜମି ପଞ୍ଜୀକରଣ ପାଇଁ ଖଣ୍ଡଗିରି ସବ୍ ରେଜିଷ୍ଟ୍ରାର ଅଫିସରେ ସ୍ଲଟ୍ ବୁକ କରିବା ସହିତ ଆଦିତ୍ୟ ମାଧ୍ୟମରେ ପଞ୍ଜୀକରଣ ଫି ବାବଦକୁ ୧ ଲକ୍ଷ ୭୩ ହଜାର ୬୬୨ ଟଙ୍କା ଜମା କରିଥିଲେ । ଧାର୍ଯ୍ୟ ତାରିଖ ଅନୁସାରେ ଆଶୁତୋଷ ସବ୍ ରେଜିଷ୍ଟ୍ରାର ଅଫିସକୁ ପଞ୍ଜୀକରଣ ପାଇଁ ଆସିଥିଲେ ମଧ୍ୟ ଜମି ମାଲିକ ମମତା ମହାନ୍ତି ସେଠାକୁ ଆସିନଥିଲେ । ଏହାର କାରଣ ପଚାରିବାରୁ ମମତା ଜମି ବିକ୍ରି କରିବା ପାଇଁ ଚାହୁଁନଥିବା ଆଦିତ୍ୟ କହିଥିଲା । ଏହାପରେ ଆଶୁତୋଷ ୫୧ ଲକ୍ଷ ଟଙ୍କା ଫେରସ୍ତ କରିବା ପାଇଁ କହିବାରୁ ଆଦିତ୍ୟ ୫୧ ଲକ୍ଷ ଟଙ୍କାର ୬ଟି ଚେକ ଦେଇଥିଲେ । ସେଥିମଧ୍ୟରୁ ୩ଟି ଚେକ୍‌କୁ ଜମା କରିବା ପରେ ଆକାଉଣ୍ଟରେ ପର୍ଯ୍ୟାପ୍ତ ଟଙ୍କା ନଥିବା ହେତୁ ବାଉନ୍ସ ହୋଇଯାଇଥିଲା । ଆଶୁତୋଷଙ୍କ ଏତଲା ଆଧାରରେ ପୁଲିସ ଆଦିତ୍ୟକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# କ୍ୟାପିଟାଲ ହସ୍‌ପିଟାଲ୍‌ରୁ ଦଲାଲ୍ ଗିରଫ

### ବେସରକାରୀ ଡାକ୍ତରଖାନାକୁ କରୁଥିଲା ରେଫର

**ସାଧା ପୋଷାକରେ ଯାଇ ମାଡ଼ି ବସିଲା ପୁଲିସ**



ଭୁବନେଶ୍ୱର,୨୨।୩ (ସମିସ): କ୍ୟାପିଟାଲ ହସ୍‌ପିଟାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନଙ୍କୁ ଭଲ ଚିକିତ୍ସା ଆଳରେ ପ୍ରାଇଭେଟ୍ ହସ୍ପିଟାଲକୁ ନେଇ ଠକୁଥିବା ଜଣେ ଦଲାଲକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୬ ତାରିଣୀ ବସ୍ତିରେ ରହୁଥିବା ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା ଚିକିଲି ଗାଁର ଜିତେନ୍ଦ୍ର ଚୈଧୁରୀ (୨୫) । ପୁଲିସ ସୂଚନା ଅନୁସାରେ, କ୍ୟାପିଟାଲ ହସ୍‌ପିଟାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ କିଛି ଦଲାଲ ସହାୟତା ଆଳରେ ଠକୁଥିବା ପୁଲିସ ପାଖରେ ଖବର ରହିଥିଲା । ଶୁକ୍ରବାର କ୍ୟାପିଟାଲ ଥାନାର ଏକ ଟିମ୍ କ୍ୟାପିଟାଲ ହସ୍ପିଟାଲ ପରିସରରେ ପାଟ୍ରୋଲିଂ କରୁଥିଲା । ଜିତେନ୍ଦ୍ର ସେହି ସମୟରେ କ୍ୟାପିଟାଲ ହସ୍ପିଟାଲର କାଜୁଆଲିଟିକୁ ଆସିଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ବିଭିନ୍ନ ଘରୋଇ ଡାକ୍ତରଖାନାରେ କମ୍ ମୂଲ୍ୟରେ ଉତ୍ତମ ଚିକିତ୍ସା ଯୋଗାଇଦେବା ପାଇଁ ପ୍ରବର୍ତ୍ତାଉଥିବା ପୁଲିସକୁ ଖବର ମିଳିଥିଲା । କ୍ୟାପିଟାଲ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କିଛି ପୁଲିସ କର୍ମଚାରୀ ସାଧା ପୋଷାକ ପିନ୍ଧି କାଜୁଆଲିଟି ନିକଟରେ ବୁଲାବୁଲି କରିବା ସହିତ ଜିତେନ୍ଦ୍ରର ଗତିବିଧି ଉପରେ ନଜର ରଖିଥିଲେ । ସେହି ସମୟରେ ଜିତେନ୍ଦ୍ର ଜଣେ ରୋଗୀ ଓ ସମ୍ପର୍କୀୟଙ୍କୁ ବେସରକାରୀ ଡାକ୍ତରଖାନା ଓ ଡାଇଗ୍ନୋଷ୍ଟିକ ସେଣ୍ଟର୍ ଭଲ ଚିକିତ୍ସା କରାଇବାକୁ ପ୍ରବର୍ତ୍ତାଉଥିବା ଦେଖିଥିଲେ । ପୁଲିସ ଟିମ୍ ଜିତେନ୍ଦ୍ରକୁ କାବୁ କରିବା ସହିତ ପଚରାଉଚରା ଲାଗି ଥାନାକୁ ଉଠାଇ ନେଇଥିଲା । ଜିତେନ୍ଦ୍ର ଅଟୋ ଚାଳକ ହୋଇଥିବାବେଳେ ସେ ବିଭିନ୍ନ ସମୟରେ କ୍ୟାପିଟାଲ ହସ୍‌ପିଟାଲକୁ ରୋଗୀ ନେବା ଆଣିବା କରେ ବୋଲି ପୁଲିସକୁ କହିଥିଲା । ସେ କାଜୁଆଲିଟି ନିକଟରେ ରହିବା ସହିତ କିଛି କମିଶନ ଲୋଭରେ ଗରିବ ଓ ନିରୀହ ଲୋକମାନଙ୍କୁ ବେସରକାରୀ ଡାକ୍ତରଖାନା ଓ ଡାଇଗ୍ନୋଷ୍ଟିକ ସେଣ୍ଟରରେ ଚିକିତ୍ସା ଓ ପରୀକ୍ଷା କରିବା ଲାଗି ପ୍ରବର୍ତ୍ତାଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା । ଏ ନେଇ କ୍ୟାପିଟାଲ ଥାନା ପୁଲିସ କେସ ନଂ ୧୫୨ ରେ ଦଫା ୪୧୯/୪୨୦ ଆଇପିସିରେ ଏକ ମାମଲା ରୁଜୁ କରିବା ସହ ଜିତେନ୍ଦ୍ରକୁ କୋର୍ଟ ଚାଲାଣ କରିଛି । ତେବେ ସେ କେଉଁ ଡାକ୍ତରଖାନାକୁ ନେଉଥିଲା ଓ ଆଉ କେଉଁମାନେ ଏହି ଦଲାଲିରେ ସଂପୃକ୍ତ ଅଛନ୍ତି ସେ ନେଇ ଖୋଳତାଡ଼ ଚଳାଇଛି ପୁଲିସ ।



# ପଥଚାରୀଙ୍କୁ ମାରିଦେବ ଏନ୍‌ଏଚ୍‌ଏଆଇ ଖାଲ

- ବିନା ସୁରକ୍ଷା ବାଡ଼ରେ ରାସ୍ତାକଡ଼ରେ ୬ଫୁଟ୍‌ର ଗର୍ତ୍ତ
- ଟିକେ ଅସାବଧାନ ହେଲେ ଜୀବନ ଯିବା ଥୟ

ଭୁବନେଶ୍ୱର, ୨୨।୩(ସମିସ)

ତାରିଖ ୧୯ନଭେମ୍ବର ୨୦୨୨। ପାତ୍ରପଡ଼ା ସ୍ମୃତିବନ ନିକଟରେ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ହେବା ନେଇ ଘୋଷଣା ହୋଇଥିଲା। ଖୋଦ୍ ସାଂସଦ ଅପରାଜିତା ଷଡ଼ଙ୍ଗୀ ନିଜ ତତ୍କାଳୀନ ଟ୍ୱିଟର(ବର୍ତ୍ତମାନର 'ଏକ୍ସ') ହାଣ୍ଡେଲ୍‌ରେ ଏହାକୁ ଘୋଷଣା କରିଥିଲେ। ୨କୋଟି ୭୫ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ଫୁଟ୍ ଓଭରବ୍ରିଜ୍ କାମ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଡିସେମ୍ବର ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଶେଷ କରିକାମଆରମ୍ଭହେବାସହ ୬ମାସ ଭିତରେ କାମ ସାରିବା ପାଇଁ କଣ୍ଟ ହୋଇଥିଲା।

ବିଡ଼ମ୍ବନାର ବିଷୟ, ଘୋଷଣାକୁ ୨ବର୍ଷ ପୂରିଯାଇଥିଲେ ହେଁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିନି। ହେଲେ ଗତ ଦୁଇ ମାସ ହେଲା ସ୍ମୃତିବନ ସମ୍ମୁଖ ଓ ଅପରପାର୍ଶ୍ୱରେ ବିଏମ୍‌ସିର ଏମ୍‌ସିସି ନିକଟରେ ଗଭୀର ଗାତ ଖୋଳାଯାଇଛି। ଯେଉଁ ଠିକା ସଂସ୍ଥା କାମ ନେଇଛି ସେ ଗାତ ଖୋଳି ଛାଡ଼ି ଦେଇଛି। ଏଥିପାଇଁ କୌଣସି ସୁରକ୍ଷା ବାଡ଼ ନାହିଁ। ଫଳରେ ରାଜପଥ କଡ଼ରେ ଚାଲିଚାଲି ଯାଉଥିବା ଲୋକମାନଙ୍କ ପାଇଁ ଏହା ମୃତ୍ୟୁଯନ୍ତା ପାଲଟିଛି। ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ଘଟି ପ୍ରାଣହାନି ଘଟିବା ଥୟ। ପୂର୍ବରୁ ସୁରକ୍ଷା ବାଡ଼ ନଥିବାରୁ ମୁକୁଳା ଡ୍ରେନ୍‌ରେ ପଡ଼ି ଏକାଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ଏସବୁ ସତ୍ତ୍ୱେ କାମ କରୁଥିବା ଠିକା ସଂସ୍ଥାର ଏଭଳି ମନମୁଖୀ କାର୍ଯ୍ୟକୁ ସାଧାରଣରେ ଘୋର ନିନ୍ଦା କରାଯାଇଛି।



ପାତ୍ରପଡ଼ା, କଳିଙ୍ଗନଗର, କଳିଙ୍ଗ ବିହାର, ଭଗବାନପୁର, ଉଦୟବିହାର ଓ ଡିଏନ୍ ରିଗାଲିଆ ଭଳି ମଲ୍‌କୁ ଲୋକମାନେ ଏହି ରାସ୍ତା ଦେଇ ଆସୁଛନ୍ତି। ପ୍ରତିଦିନ ଶତାଧିକ ସଂଖ୍ୟାରେ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଏହି ରାସ୍ତାରେ ଯାଉଛନ୍ତି। ୧୬ନମ୍ବର ଜାତୀୟ ରାଜପଥ ହୋଇଥିବାରୁ ଶତାଧିକ ଗାଡ଼ି ଏହି ରାସ୍ତା ଦେଇ ଯାତାୟାତ କରୁଛି। ୬ଫୁଟ୍ ଲମ୍ବ ଓ ୬ଫୁଟ୍ ଓସାରର ଏହି ମୁକୁଳା ଖାଲ କେତେବେଳେ ଯେ କାହା ଜୀବନ ନେବାର କାରଣ ସାଜିବ, ତାକୁ ନେଇ ସମସ୍ତେ ଭୟଭୀତ ଅଛନ୍ତି। ଦୀର୍ଘ ଦିନ ଧରି ଏମିତି ଖୋଳାଯାଇ ଥିଲେ ହେଁ ଏହାର ନିର୍ମାଣ କାମରେ କୌଣସି ଅଗ୍ରଗତି ହେଉନି। ତେଣୁ କେତେଦିନ ଲୋକମାନେ ଏମିତି ଆସନ୍ନ ମୃତ୍ୟୁର ସମ୍ମୁଖୀନ ହୋଇ ରାସ୍ତା ଅତିକ୍ରମ କରିବେ ବୋଲି ସ୍ଥାନୀୟ ବାସିନ୍ଦା କ୍ଷୋଭର ସହ କହିଛନ୍ତି। ଅନ୍ୟପକ୍ଷରେ ଗତ ୨୦୧୯ ଡିସେମ୍ବର ମାସରେ ବରମୁଣ୍ଡାରେ ମଧ ଡ୍ରେନ୍ କାମ ପାଇଁ ବିନା ସୁରକ୍ଷା ବାଡ଼ରେ ଏଭଳି ଗାତ ଖୋଳା ଯାଇଥିଲା। ସେଥିରେ ଜଣେ ଯୁବ ବୈଜ୍ଞାନିକ ପଡ଼ି ତାଙ୍କର ମୃତ୍ୟୁ ହୋଇଥିଲା। ତେଣୁ ଏଭଳି ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ଗାତ ପାଖରେ ସୁରକ୍ଷା ବାଡ଼ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି କରାଯାଉଛି। ଠିକା ସଂସ୍ଥାର ଏହି ମନମୁଖୀ କାମ ନେଇ ଏନ୍‌ଏଚ୍‌ଏଆଇ ଓଡ଼ିଶା ମୁଖ୍ୟ ବୀରେନ୍ଦ୍ର ସିଂହଙ୍କୁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସମ୍ଭବ ହୋଇନଥିଲା।

## ୱାଟକୋ ପକ୍ଷରୁ ବିଶ୍ୱ ଜଳ ଦିବସ

# 'ପ୍ରତ୍ୟେକ ବୁନ୍ଦା ଜଳ ଗଣନା କରି ବ୍ୟବହାର କରନ୍ତୁ'




ଭୁବନେଶ୍ୱର, ୨୨।୩(ସମିସ)

'ୱାଟର କର୍ପୋରେସନ ଅଫ୍ ଓଡ଼ିଶା' (ୱାଟକୋ) ପକ୍ଷରୁ ଶୁକ୍ରବାର ରାଜ୍ୟସ୍ତରୀୟ 'ବିଶ୍ୱ ଜଳ ଦିବସ' ପାଳନ କରାଯାଇଛି। ଚଳିତ ବର୍ଷ ଏହାର ବିଷୟବସ୍ତୁ ରହିଛି 'ଶାନ୍ତି ପାଇଁ ଜଳ'। ଏଥିରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥିଭାଥନନ୍ ଯୋଗଦେଇ କହିଛନ୍ତି ଯେ, ବିଶ୍ୱ ସ୍ଥିରତା ଏବଂ ସମୃଦ୍ଧିରେ ଜଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଚଳିତ ବର୍ଷ ଗୁରୁତ୍ୱ ଦିଆଯାଇଛି। ଯେତେବେଳେ ଆମେ ଜଳ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ କାର୍ଯ୍ୟକରୁ, ଆମେ ଏକ ନିରନ୍ତର ଉନ୍ନତି ଦିଗରେ ଅଗ୍ରଣୀ ହେଉ। ସମନ୍ୱୟ ରକ୍ଷା କରିବା ଏବଂ ସମୃଦ୍ଧତା ସୃଷ୍ଟି କରିବାରେ ଏହା ଆମକୁ ସହାୟକ ହୁଏ। ସମସ୍ତେ ପ୍ରତ୍ୟେକ ବୁନ୍ଦା ଜଳକୁ ଗଣନା କରି ବ୍ୟବହାର କରନ୍ତୁ। 'ୱାଟ୍‌କୋ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସ୍ୱାଇଁ କହିଲେ, ସମସ୍ତେ ଜଳ ପାଇଁ ଏକ ହୋଇ ଭବିଷ୍ୟତରେ ଏକ ସ୍ଥିର ଏବଂ ସମୃଦ୍ଧ ବିଶ୍ୱର ମୂଳଦୁଆ ପକାଇବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଅନ୍ୟତମ ଅତିଥି ଭାବେ ରାଜ୍ୟ 'ଜନସ୍ୱାସ୍ଥ୍ୟ କାରିଗରୀ ସଂଗଠନ'ର ସର୍ବୋଚ୍ଚ ଯନ୍ତ୍ରୀ ପ୍ରସାନ୍ତ କୁମାର ମହାପାତ୍ର, ରାଜ୍ୟ 'ଜଳ ଗୁଣବତ୍ତା ସୁନିଶ୍ଚିତ ସେଲ'ର ମୁଖ୍ୟ ପରାମର୍ଶଦାତା ଶିଶିର କୁମାର ରଥ, 'ଓଡ଼ିଶା ଜଳ ଯୋଗାଣ ଏବଂ ପରିମଳ ପରିଷଦର ପରାମର୍ଶଦାତା ବସନ୍ତ କୁମାର ସେନାପତି ସହ ୱାଟ୍‌କୋ, ଜନସ୍ୱାସ୍ଥ୍ୟ କାରିଗରୀ ସଂଗଠନ, ଓଡ଼ିଶା ଜଳ ଯୋଗାଣ ଏବଂ ପରିମଳ ପରିଷଦ ଓ ଜଳ ଗୁଣବତ୍ତା ସୁନିଶ୍ଚିତ ସେଲର ବରିଷ୍ଠ ଅଧିକାରୀମାନେ ସଭାରେ ଯୋଗ ଦେଇଥିଲେ। 'ୱାଟ୍‌କୋ'ର ଜେନେରାଲ୍ ମ୍ୟାନେଜର୍ ଦେବବ୍ରତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଗ୍ୟାସ୍ ସିଲିଣ୍ଡରରୁ ରେସ୍ତୋରାଁରେ ଅଗ୍ନିକାଣ୍ଡ

ପୁରୀ, ୨୨।୩(ସମିସ): ମୋଚି ସାହି ଛକସ୍ଥିତ ଏକ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୋକାନର ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଯାଇଥିବା ବେଳେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ସୂଚନା ଅନୁଯାୟୀ, ମୋଚିସାହି ଛକରେ ଶିବଶଙ୍କର ସ୍ୱାଇଁଙ୍କର ଏକ ରେଷ୍ଟୁରାଣ୍ଟ ରହିଛି। ସକାଳେ ଗ୍ୟାସ୍ ସିଲିଣ୍ଡର ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ତେବେ ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ସେମାନେ ବି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଲିଭାଇଥିବା ବେଳେ ଏଥିରେ ଦୋକାନର ବିଭିନ୍ନ ଆସବାବପତ୍ର ପୋଡିଯାଇଥିବା ଜଣାପଡ଼ିଛି।

## ବୁଡ଼ିଯାଉଥିବା ପର୍ଯ୍ୟଟକ ଉଦ୍ଧାର

ପୁରୀ, ୨୨।୩(ସମିସ): ପୁରୀ ସମୁଦ୍ରରେ ଗାଧୋଉଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। କେତେବେଳେ ପର୍ଯ୍ୟଟକ ବୁଡ଼ିଯାଉଛନ୍ତି ତ ପୁଣି କେତେବେଳେ ମୃତାହତ ହେଉଛନ୍ତି। ତେବେ ଶୁକ୍ରବାର ସମୁଦ୍ର ସ୍ନାନବେଳେ ଜଣେ ବିଦେଶୀ ପର୍ଯ୍ୟଟକ ବୁଡ଼ିଯାଉଥିବା ବେଳେ ତାଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ପର୍ଯ୍ୟଟକ ଜଣଙ୍କ ହେଲେ ନେପାଳ କାଠମାଣ୍ଡୁର ସୁଦର୍ଶନ। ଅପରାହ୍ନରେ ସେ ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଲାଇଫ୍‌ଗାର୍ଡ ସଙ୍ଗେ ସଙ୍ଗେ ଭିତରକୁ ଯାଇ ତାଙ୍କୁ ଉଦ୍ଧାର କରିଥିଲେ।

## ଜେଟିପିଙ୍କ ମହାନତା

# ଭକ୍ତଙ୍କ ସୁନା କାନଫୁଲ ଫେରାଇଲେ

ପୁରୀ, ୨୨।୩(ସମିସ)

ଶ୍ରୀମନ୍ଦିରରେ କାର୍ଯ୍ୟରତ ଜଣେ ଜେଟିପି ମହାନତା ଦେଖାଇଛନ୍ତି। ସମ୍ପୃକ୍ତ ଜେଟିପି ହେଲେ ବନବିହାରୀ ସ୍ୱାଇଁ। ସେ ଜଣେ ଶ୍ରଦ୍ଧାଳୁଙ୍କ ସୁନା କାନଫୁଲ ପାଇ ଏହାକୁ ଫେରାଇ ଦେଇଛନ୍ତି। ତାଙ୍କର ଏହି ମହନୀୟତା ପାଇଁ ତାଙ୍କୁ ସମସ୍ତେ ପ୍ରଶଂସା କରିଛନ୍ତି। ସୂଚନା ଅନୁଯାୟୀ, ମହାପ୍ରଭୁଙ୍କୁ ଦର୍ଶନ ପାଇଁ କଟକ ଚୌଦ୍ୱାର ଅଞ୍ଚଳର ଗଣେଶ ଚୌଧୁରୀ ସପରିବାର ପୁରୀ ଆସିଥିଲେ। ପୂର୍ବାହ୍ନରେ ସେମାନେ ଦର୍ଶନ କରୁଥିଲେ। ଏହି ସମୟରେ ମନ୍ଦିରରେ ପ୍ରବଳ ଭିଡ଼ ଥିଲା। ତେବେ ଦର୍ଶନ ବେଳେ ଗଣେଶଙ୍କ ପତ୍ନୀ ପିନ୍ଧିଥିବା ଗୋଟିଏ ସୁନା କାନଫୁଲ ଖସିପଡ଼ିଥିଲା। ଭିଡ଼ ଭିତରେ ସେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ତେବେ ମନ ଦୁଃଖରେ ଗଣେଶଙ୍କ ପତ୍ନୀ ଥିବା ବେଳେ କାନଫୁଲକୁ ପାଇଥିବା ଜେଟିପି କର୍ମଚାରୀ ବନବିହାରୀ ତାଙ୍କୁ ଫେରାଇଥିଲେ। ଏକାଦଶୀ ମନ୍ଦିର ନିକଟରୁ ସେ କାନଫୁଲ ପାଇ ଥିଲେ ବୋଲି କହିଛନ୍ତି ବନ ବିହାରୀ।



ତେବେ ବନବିହାରୀଙ୍କର ଏଭଳି ମହନୀୟତା ପାଇଁ ଗଣେଶଙ୍କ ପରିବାର ତାଙ୍କୁ ପ୍ରଶଂସା କରିଥିବା ବେଳେ ଅନ୍ୟ ଶ୍ରଦ୍ଧାଳୁମାନେ ମଧ ବାହାବା ଦେଇଛନ୍ତି।

## ଆଇଆଇଟିରେ 'କୋଣାର୍କ ମନ୍ଥନ' ସମ୍ମିଳନୀ

# ସୂର୍ଯ୍ୟ ମନ୍ଦିର ନିର୍ମାଣ ରହସ୍ୟ ଉନ୍ମୋଚନ ପାଇଁ ଆଲୋଚନା

ଭୁବନେଶ୍ୱର, ୨୨।୩(ସମିସ):

ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ଆଇଆଇଟି) ପକ୍ଷରୁ ସୂର୍ଯ୍ୟ ମନ୍ଦିରର ନିର୍ମାଣ ସାମଗ୍ରୀ ଏବଂ ସ୍ଥାପତ୍ୟଗୁଡ଼ିକର ରହସ୍ୟ ଉନ୍ମୋଚନ ପାଇଁ 'କୋଣାର୍କ ମନ୍ଥନ'ଶୀର୍ଷକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଫ୍ ମିନେରାଲ୍ସ, ମେଟାଲର୍ଜିକାଲ୍ ଏବଂ ମ୍ୟାଟେରିଆଲ୍ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରାଚୀନ ଭାରତର ଇଞ୍ଜିନିୟରିଂ ସମ୍ବନ୍ଧରେ ଆଲୋଚନା ହୋଇଛି। ଉଦ୍‌ଘାଟନୀ ଅଧିବେଶନରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ରାଷ୍ଟ୍ରୀୟ ସ୍ମାରକୀ ପ୍ରାଧିକରଣ(ଏନ୍‌ଏମ୍‌ଏ) ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା ଯୋଗଦେଇ କଳା ସଂସ୍କୃତି ଓ କାରିଗରୀ ଭରା ଉତ୍କଳର ପ୍ରାଚୀନ ବୈଷୟିକ ଜ୍ଞାନକୌଶଳକୁ ବୁଝିବାକୁ ସାମୂହିକ ଉଦ୍ୟମ ଓ ଚେତନା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ପିଡବ୍ଲ୍ୟୁଡି ବିଭାଗର ମୁଖ୍ୟ ଇଞ୍ଜିନିୟର ଡ. ଏନ୍‌ସି. ପାଲ ସ୍ଥାପତ୍ୟ ସଂରଚନା ପଦ୍ଧତି ବିଷୟରେ ଆଲୋକପାତ କରିଥିଲେ। ସେହିପରି ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ପୂର୍ବପୁରୁଷଙ୍କ ବୈଷୟିକ ଚାତୁରୀ ପ୍ରଦର୍ଶନ କରିବା ପାଇଁ ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ପ୍ରଫେସର ଓ.ଏନ. ମହାନ୍ତି, ଡ. ଦିବିଶାଦ ବି. ଗଡ଼ନାୟକ, ଡ. ସଙ୍ଗିତା ମିଶ୍ର, ଡ. ସୁନୀଲ କୁମାର ପଟ୍ଟନାୟକ ଓ ଡ. ଶିବ ଶଙ୍କର ପଣ୍ଡା ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମର କନଭେନର ଡ. ଶୁଭଙ୍କର ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସହ-ସଂଯୋଜକ ଡକ୍ଟର ପାର୍ଥସାରଥୀ ଦେ ସହଯୋଗ ଓ ଡ. ନରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଛନ୍ତି।



## ଔଷଧ ଧରି ଏମ୍‌ସରୁ ଟାଙ୍ଗୀ ଗଲା ଡ୍ରୋନ୍



ଭୁବନେଶ୍ୱର, ୨୨।୩(ସମିସ): ଶୁକ୍ରବାର ଭୁବନେଶ୍ୱର ଏମ୍‌ସରୁ ଡ୍ରୋନ ଔଷଧ ଧରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜୀବନରକ୍ଷା କାରୀ ଔଷଧ ସହ ଇଞ୍ଜେକ୍ସନ ଧରି ପହଞ୍ଚିଥିଲା। ଦ୍ୱିତୀୟଥର ପାଇଁ ଏମ୍‌ସ ପକ୍ଷରୁ ଏହି ଡ୍ରୋନ୍ ସେବା ଯୋଗାଇ ଦିଆଯାଇଛି। ଡ୍ରୋନ୍ ପହଞ୍ଚିବା ପରେ ରୋଗୀଙ୍କୁ ଓøଷଧ ଇଜେ୍କସନ ଦିଆଯାଇଥିଲା।ଏମ୍‌ସରୁ ଟାଙ୍ଗୀ ୬୦ କିମି ଦୁରତା ଅତିକ୍ରମ କରିବା ପାଇଁ ଡ୍ରୋନ୍‌କୁ ୩୫ ମିନିଟ୍ ସମୟ ଲାଗୁଛି। ଡ୍ରୋନ ଟି ଆକାଶ ପଥରେ ୪ଶହ ଫୁଟ ଉଚ୍ଚତାରେ ଉଡାଣ ଭରିବାର କ୍ଷମତା ରଖିଥିବା ବେଳେ ୫କେଜି ଓଜନ ବୋହିବାର କ୍ଷମତା ରହିଛି। ଗତ ଜାନୁୟାରୀ ୨୩ ତାରିଖରେ ପରୀକ୍ଷା ମୂଳକଭାବେ ଡ୍ରୋନର ଉଡାଣ ହୋଇଥିଲା। ବନ୍ୟା ବାତ୍ୟା ବିପର୍ଯ୍ୟୟ ଓ ଜରୁରୀକାଳୀନ ସମୟରେ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଆରମ୍ଭ ଏମ୍‌ସ ପକ୍ଷରୁ ଏହି ପ୍ରୟାସ ଆରମ୍ଭ ହୋଇଛି।

## ଖଣ୍ଡାରେ ଆକ୍ରମଣ, ଜଣେ ଗିରଫ



ଭୁବନେଶ୍ୱର, ୨୨।୩(ସମିସ): ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିବା ସହିତ କାର ଭାଙ୍ଗିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସତ୍ୟ ନଗର କାଳୀ ମନ୍ଦିର ବସ୍ତିରେ ରହୁଥିବା ଅବିନାଶ ବାରିକ (୨୩)। ପୁଲିସ ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟାରେ ଜ୍ୟୋତିରଞ୍ଜନ ପଟ୍ଟନାୟକ ଓଏମ୍‌ସି ବିଡିଏ ପାର୍କକୁ ଯାଇଥିବା ବେଳେ ସେଠାରେ ସେ ତାଙ୍କର କାର ଟିକୁ ପାର୍କିଂ କରିଥିଲେ। ସେହି ସମୟରେ କିଛି ଯୁବକ ଖଣ୍ଡା ଧରି ପରସ୍ପରଙ୍କୁ ଧମକ ଦେବା ସହ ବିଶୃଙ୍ଖଳା ସୃଷ୍ଟି କରୁଥିବା ଦେଖିବାକୁ ପାଇଥିଲେ। ଅବିନାଶ ଓ ତାର ସହଯୋଗୀମାନେ ଜ୍ୟୋତିରଞ୍ଜନଙ୍କ କାରକୁ ଭାଙ୍ଗି ଦେଇଥିଲେ। ଜ୍ୟୋତିରଞ୍ଜନ ବିରୋଧ କରିବାରୁ ଅବିନାଶ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଜ୍ୟୋତିରଞ୍ଜନ ସୌଭାଗ୍ୟବଶତଃ ନିଜର ଜୀବନ ବଞ୍ଚାଇ ସେଠାରୁ ଦୌଡ଼ି ପଳାଇଥିଲେ। ଏ ନେଇ ସେ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଅବିନାଶକୁ ଗିରଫ କରି ତା' ଠାରୁ ଖଣ୍ଡା ଜବତ କରିଥିଲା।

## ହୋଲି ପାଇଁ ପୁଲିସ ଓ ଅଗ୍ନିଶମ ବିଭାଗର ପ୍ରସ୍ତୁତି

# କଟକରେ ମୁତୟନ ହେବେ ୧୫ ପ୍ଲାଟୁନ୍ ଫୋର୍ସ

- ନଦୀ ଘାଟ ପାଇଁ ଗଠନ ହେଲା ରେସ୍କ୍ୟୁ ଟିମ୍
- ଗଣ୍ଡଗୋଳ ଘଟିଲେ ଷ୍ଟ୍ରିଟ୍ କ୍ରାଇମ୍ କଣ୍ଟ୍ରୋଲ୍ ୟୁନିଟ୍‌କୁ ସୂଚନା ଦେବାକୁ ପରାମର୍ଶ
- ଆଇନଶୃଙ୍ଖଳା ପରିସ୍ଥିତି ତଦାରଖ କରିବେ ଡିସିପି ଓ ଏଡିସିପି
- କାର୍ଯ୍ୟକ୍ଷମ ହେବ ପୁଲିସର 'ସ୍ମାର୍ଟ କଣ୍ଟ୍ରୋଲ୍ ରୁମ୍'

କଟକ, ୨୨।୩(ସମିସ)




ଦୋଳପର୍ବ ଅବସରରେ ବିଭିନ୍ନ ଅଞ୍ଚଳରେ ଦୋଳ ବିମାନ ପରିକ୍ରମା କରିବା ସହ ସଂକୀର୍ତ୍ତନିଆଙ୍କ ସଂକୀର୍ତ୍ତନରେ ଦୁଲୁକୁଛି ସହର। ସେହିଭଳି ରଙ୍ଗର ପର୍ବ ହୋଲି ପାଳନ କରିବା ପାଇଁ ସହରବାସୀ ଏବେଠାରୁ ପ୍ରସ୍ତୁତ ହୋଇଥିବା ବେଳେ ସହରର ବିଭିନ୍ନ ସ୍ଥାନରେ ରଙ୍ଗ ବ୍ୟବସାୟ ଆରମ୍ଭ ହେଲାଣି। ହୋଲି ପର୍ବକୁ ଆଉ ୩ଦିନ ବାକି। ଆସନ୍ତା ମଙ୍ଗଳବାର କଟକବାସୀ ଧୂମଧାମ୍‌ରେ ହୋଲି ପର୍ବ ପାଳନ କରିବେ। ଏହି ପରପ୍ରେକ୍ଷୀରେ ଆଜି ଅଗ୍ନିଶମ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏହି ବୈଠକରେ ଉଭୟ କାଠଯୋଡି ଓ ମହାନଦୀରେ ଥିବା ଘାଟ ଗୁଡିକରେ ସ୍ୱତନ୍ତ୍ର ରେସ୍କ୍ୟୁ ଟିମ୍ ଡ୍ୟୁଟି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୁଖ୍ୟତଃ ମହାନଦୀର କାଳିଆବୁଦା ନିକଟସ୍ଥ ଘାଟ, ଯୋବ୍ରା ଘାଟ, ମାଲଗୋଦାମ ଥାନା ନିକଟସ୍ଥ ଘାଟ, ବାଲିଯାତ୍ରା ତଳ ପଡ଼ିଆ, ହାଡିଆପଠା ସଂଲଗ୍ନ ଘାଟ, କ୍ୟାଣ୍ଟନ୍‌ମେଣ୍ଟ୍ ଥାନା ନିକଟସ୍ଥ ଘାଟ, ଏନ୍‌ସିସି କାର୍ଯ୍ୟାଳୟ ନିକଟସ୍ଥ ଘାଟ, ଚହଟା ଘାଟ, ଧବଳେଶ୍ୱର ଗଡ଼ା ଘାଟ, ଭୂଆସୁଣି ଗଡ଼ା ଘାଟ, ନରାଜ ନିକଟସ୍ଥ ଘାଟରେ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ସଜାଗ ରହିବେ। ସେହିପରି କାଠଯୋଡିରେ ପାଣି ନ ଥିବାରୁ ଚିଂବନ୍ଧରେ ରେସ୍କ୍ୟୁ ୟୁନିଟ୍ ଗାଡି ଆଲର୍ଟ ରହିବାକୁ ନିଷ୍ପତ୍ତି ନିଆଯାଇଛି। ବକ୍ସିବଜାର, ବିଡାନାସୀ ଓ ଚାଉଳିଆଗଞ୍ଜ ଫାୟାର୍ ଷ୍ଟେସନ୍ ପକ୍ଷରୁ ଗୋଟିଏ ଲେଖାଁଏ ସ୍ପେଶାଲ୍ ୟୁନିଟ୍ କାର୍ଯ୍ୟକ୍ଷମ ହେବ। ନିଶା କିମ୍ବା ମାଦକ ଦ୍ରବ୍ୟ ସେବନ କରି ନଦୀ ମଧ୍ୟକୁ ପ୍ରବେଶ କରିବାକୁ ବାରଣ କରାଯାଇଛି। ଏ ସମ୍ପର୍କରେ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରର ଫାୟାର୍ ଅଫିସର ସଞ୍ଜିବ୍ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ହୋଲି ଭଳି ଏକ ଖୁସିର ପର୍ବରେ ଯେମିତି କୌଣସି ସ୍ଥାନରେ ଅଘଟଣ ନ ଘଟେ ସେଥିପ୍ରତି ଧ୍ୟାନ ଦିଆଯାଉଛି। ସହରର ବିଭିନ୍ନ ଘାଟ ଓ ଅଗ୍ନିଶମ କେନ୍ଦ୍ରରେ ଏକାଧିକ ଫାୟାର୍ ରେସ୍କ୍ୟୁ ୟୁନିଟ୍‌କୁ ସଜାଗ ରଖାଯିବ।



ହୋଲିରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ସାରା ସହରରେ ୧୫ପ୍ଲାଟୁନ୍ ପୁଲିସ ଫୋର୍ସ ନିୟୋଜିତ ହେବେ। ଆଇନଶୃଙ୍ଖଳା ଉପରେ ଧ୍ୟାନ ଦେବାକୁ ସମସ୍ତ ଜୋନ୍ ଏସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଟକ ସହରକୁ ୬ଟି ସେକ୍ଟରରେ ଭାଗ କରାଯାଇଛି। ଜୋନ୍‌ୱାରୀ ଏସିପିମାନେ ସୁରକ୍ଷା ଦାୟିତ୍ୱରେ ରହିବେ। ସମୁଦାୟ ୨୨ଟି ପିସିଆର୍ ଭ୍ୟାନ୍ ଓ ୪୦ବାଇକ୍ ପିସିଆର୍ ନିୟୋଜିତ ହେବ। ସମ୍ବେଦନଶୀଳ ଛକ ଗୁଡ଼ିକରେ ପୁଲିସ ଟିମ୍ ଓ ଫୋର୍ସ ମହଜୁଦ୍ ରହିବେ। ବକ୍ସିବଜାର, ମଙ୍ଗଳାବାଗ, ରାଣୀହାଟ, କଲେଜଛକ, ଓଏମ୍‌ପି, ଲିଙ୍କ୍‌ରୋଡ୍, ବାଦାମବାଡି, ମଲାଚଣ୍ଡିଆ ଛକ, ହରିପୁର, ଦୋଳମୁଣ୍ଡାଇ, ଶେଖବଜାର, ଚଣ୍ଡିଛକ, ମର୍କତନଗର, ବିଡାନାସୀ, ଗଣ୍ଡରପୁର, ଶିଖରପୁର, ମାଛୁଆବଜାର ଭଳି ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍ ନିୟୋଜିତ ହେବେ। ଥାନାୱାରୀ ଆଇଆଇସିମାନେ ନିଜ ନିଜ ଅଞ୍ଚଳ ଉପରେ ନଜର ରଖିବେ। ସାରା ସହରର ଆଇନଶୃଙ୍ଖଳା ପରିସ୍ଥିତି ଡିସିପିଙ୍କ କାର୍ଯ୍ୟାଳୟରୁ ମନିଟରିଂ କରାଯିବ। ଏ ସମ୍ପର୍କରେ ଏଡିସିପି ଅନିଲ୍ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଶାନ୍ତି ଶୃଙ୍ଖଳାର ସହିତ ହୋଲି ପର୍ବ ପାଳନ କରିବାକୁ ସହରବାସୀଙ୍କୁ ନିବେଦନ କରାଯିବ। ହୋଲି ପର୍ବରେ ନିଶା ସେବନ କରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବାକୁ ବାରଣ କରାଯାଇଛି। ସମସ୍ତ ଥାନା, ପୁଲିସ ଅଫିସର, ସୁପରଭାଇଜିଂ ଅଫିସର ଓ ଫୋର୍ସ ମୁତୟନ ହେବେ। ପୁଲିସର ସ୍ମାର୍ଟ କଣ୍ଟ୍ରୋଲ୍ ରୁମ୍‌ରେ ଚାଲୁଥିବା ଟୋଲ୍ ଫ୍ରି' ନମ୍ବର ୧୧୨ ଏବଂ ଷ୍ଟ୍ରିଟ୍ କ୍ରାଇମ୍ ପ୍ରିଭେନ୍‌ସନ୍ ଆଣ୍ଡ ଡିଟେକସନ୍ ୟୁନିଟ୍'ର ଟୋଲ୍ ଫ୍ରି' ନମ୍ବର କାର୍ଯ୍ୟକ୍ଷମ ହେଉଛି। ହୋଲି ପାଳନ ବେଳେ ପୁଲିସ କୌଣସି ଅଭିଯୋଗ ପାଇଲେ ତାହାକୁ ୧୫ମିନିଟ୍ ଭିତରେ ଅଭିଯୋଗକାରୀଙ୍କ ସହିତ ଯୋଗାଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଅନ୍ୟପଟେ ହୋଲି ସମୟରେ କୌଣସି ଅପରାଧିକ କାର୍ଯ୍ୟକଳାପ ଘଟିଲେ, ସାଧାରଣ ସହରବାସୀ ୨୪ଘଣ୍ଟିଆ ଟୋଲ୍ ଫ୍ରି' ନମ୍ବର ୭୯୭୮୮୯୪୪୦୫ରେ ଯୋଗାଯୋଗ କରିବାକୁ କମିଶନରେଟ୍ ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।





# କର୍ପୋରେଟ୍ ବିଲ୍ଡିଂରେ ଅଗ୍ନିକାଣ୍ଡ




ଭୁବନେଶ୍ୱର/ନନ୍ଦନକାନନ, ୨୨।୩(ସମିସ)

ରାଜଧାନୀ ଭୁବନେଶ୍ୱରରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି । ଇନଫୋସିଟି ଥାନା କିଟ୍ ଛକରେ ଥିବା ଏକ କର୍ପୋରେଟ୍ ବିଲ୍ଡିଂରେ ଅଗ୍ନିକାଣ୍ଡ ଘଟି କୋଟି କୋଟି ଟଙ୍କାର ସମ୍ପତ୍ତି ଜଳିପୋଡ଼ି ପାଉଁଶ ହୋଇଯାଇଛି । ନିଆଁ ଲାଗବା ପରେ ଉକ୍ତ ଘର ଭିତରେ ୨ଜଣ ବ୍ୟକ୍ତି ଫସି ରହିଥିଲେ । ସେମାନଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିଲା ।

ଅପରାହ୍ଣ ସାଢେ ୩ଟାରୁ ୪ର୍ଥ ତାଲାରୁ ନିଆଁ ଲାଗିଥିଲା । ଚାହୁଁ ଚାହୁଁ ନିଆଁ ଚାରିଆଡେ ବ୍ୟାପିଯାଇଥିଲ । ପ୍ରାଥମିକ ଭାବେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ତୃତୀୟ ମହଲାରେ ଏକ ବ୍ୟାଙ୍କ ସହ ଏକ ଜୋତା ସୋ'ରୁମ ଓ ପତଞ୍ଜଳିର ଗୋଦାମ ଘର ରହିଛି । ଏଥିସହ ଏକ ବିଲ୍ଡର ଅଫିସ୍ ସହ ଏକ ଗେଷ୍ଟହାଉସ ମଧ୍ୟ ରହିଛି । ନିଆଁରେ ସବୁ କିଛି ପୋଡ଼ି ଯାଇଥିବା ଜଣାପଡ଼ିଛି । ପର୍ଯ୍ୟାୟ କ୍ରମେ ଅଗ୍ନିଶମର ୬ଟି ଟିମ୍ ସହ ବ୍ରୁଣ୍ଟୋ ସ୍କାଏ ଲିଫ୍ଟ ବ୍ୟବହାର କରି ୪ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ବି ଆୟତ୍ତ ଆସିପାରି ନଥିଲା ନିଆଁ । ତେବେ ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି ।

# 'ଅଧିକ ବୟସରେ ମାତୃତ୍ୱ ଲାଭ ଡାଉନ୍ ସିଣ୍ଡ୍ରୋମ୍ ସମ୍ଭାବନା ବଢ଼ାଇଥାଏ'

ଭୁବନେଶ୍ୱର, ୨୨।୩ (ସମିସ)

ଏମ୍ସ ଭୁବନେଶ୍ୱର ପେରିନାଟାଲ୍ (ଜନ୍ମ ପୂର୍ବ ଏବଂ ପର ଅବସ୍ଥା) କ୍ଲିନିକ୍ ପକ୍ଷରୁ ପ୍ରତି ମଙ୍ଗଳବାର ଡାଉନ୍ ସିଣ୍ଡ୍ରୋମ୍ ପ୍ରଭାବିତ ଶିଶୁମାନଙ୍କ ପିତାମାତା ଏବଂ ଅନ୍ୟାନ୍ୟ ଜେନେଟିକ୍ ବ୍ୟାଧି ସମ୍ପର୍କରେ ନିୟମିତ କାଉନ୍ସେଲିଂ ପ୍ରଦାନ କରାଯାଉଛି । ଏହି କ୍ଲିନିକ୍ ସ୍ତ୍ରୀ ଏବଂ ପ୍ରସୂତି (ଗାଇନେକୋଲୋଜି), ଶିଶୁ (ପେଡ଼ିଆଟ୍ରିକ୍ସ), ଜନ୍ମଜାତ ଶିଶୁ (ନିଓନାଟୋଲୋଜି), ଶରୀର ରଚନା (ଆନାଟୋମି) ଏବଂ ମାନସିକ (ସାଇକିଆଟ୍ରିକ୍) ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ହେବା ସହିତ ଲୋକମାନଙ୍କୁ ସେବା ପ୍ରଦାନ କରୁଛି । ସେହିପରି ଏହି ଜାତୀୟ ଅନୁଷ୍ଠାନର ସାଇଟୋଜେନେଟିକ୍ ଲାବୋରୋଟୋରୀ ଦ୍ୱାରା ମଧ୍ୟ କାରିଓଟାଇପିଂ ମାଧ୍ୟମରେ ଡାଉନ୍ ସିଣ୍ଡ୍ରୋମ ପରି ସାଧାରଣ କ୍ରୋମୋଜୋମ୍ ଜନିତ ସମସ୍ୟାକୁ ଚିହ୍ନଟ କରିବାରେ ସହାୟକ ହେଉଥିବା ଏମ୍ସ ଭୁବନେଶ୍ୱର ଆନାଟୋମି ବିଭାଗ ମୁଖ୍ୟ ଡ. ମନୀଷା ଆର୍ ଗାଏକ୍ୱାଡ୍ ପ୍ରକାଶ କରିଛନ୍ତି । ଏମ୍ସ ଭୁବନେଶ୍ୱର ଏବଂ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ ସାଇନ୍ସ(ସ୍ୱୟଂଶାସିତ), ଚନ୍ଦକା, ଭୁବନେଶ୍ୱର ପକ୍ଷରୁ ମିଳିତ ଭାବେ ଡାଉନ୍ ସିଣ୍ଡ୍ରୋମ୍ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏପରି ମତ ପ୍ରକାଶ ପାଇଛି । ଡାଉନ୍ ସିଣ୍ଡ୍ରୋମ୍ ଦିବସ ଉପଲକ୍ଷେ ଗତକାଲି ଆଇଏଚ୍ଏସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ସାହଜନକ ଉପସ୍ଥିତି ରହିଥିଲା । ଭାରତରେ ପ୍ରତି ୮୩୦ ଜନ୍ମରେ ଜଣେ ଶିଶୁ ଡାଉନ୍ ସିଣ୍ଡ୍ରୋମ୍ ଦ୍ୱାରା ପ୍ରଭାବିତ ହେଉଛନ୍ତି । ଡାଉନ୍ ସିଣ୍ଡ୍ରୋମ ଏବଂ ଅନ୍ୟାନ୍ୟ ଜେନେଟିକ୍ ବ୍ୟାଧି ଉପରେ ଆନାଟୋମୀ ବିଭାଗ ଏବଂ ଆଇଏଚ୍ଏସ ପକ୍ଷରୁ ଆୟୋଜିତ ଏପରି କାର୍ଯ୍ୟକ୍ରମ ପାଇଁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରଶଂସା କରିଥିଲେ । ସାଧାରଣ ଜିନ୍‌ଗତ ବ୍ୟାଧି ଯେପରିକି ସ୍ପିଚ୍ ଥେରାପି, ଅକୁପେସ୍‌ନାଲ (ବୃତ୍ତିଗତ) ଥେରାପି, ଫିଜିଓଥେରାପି ଇତ୍ୟାଦି କ୍ଷେତ୍ରରେ ଆଇଏଚ୍ଏସ ବିଭିନ୍ନ ଚିକିତ୍ସା ଯୋଗାଇଆସୁଛି । ଏହି ବ୍ୟବସ୍ଥା ଗୋଟିଏ ଛାତତଳେ ଏବଂ ରୋଗୀକୈନ୍ଦ୍ରିକ ହେବା ଉଚିତ ବୋଲି ଆଇଏଚଏସର ନିର୍ଦ୍ଦେଶକ ପ୍ରଫେସର ସତ୍ୟ ନାରାୟଣ ମହାପାତ୍ର ମତ ଦେଇଛନ୍ତି । ସାଧାରଣ ଜିନ୍‌ଗତ ବ୍ୟାଧି ଥିବା ରୋଗୀଙ୍କୁ ଚିହ୍ନଟ, ପ୍ରତିରୋଧ ଏବଂ ଆଜୀବନ ପରିଚାଳନା ହେଉଛି ଏକ ନିରନ୍ତର ପ୍ରକ୍ରିୟା । ଏ ନେଇ ଆମ ସମାଜରେ ଥିବା ନକରାତ୍ମକ ଚିନ୍ତାଧାରାରେ ପରିବର୍ତ୍ତନ ହେବା ଉଚିତ୍ ବୋଲି ସେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ, ଏମ୍ସ ଭୁବନେଶ୍ୱର ଆନାଟୋମୀ ବିଭାଗ ପ୍ରଫେସର୍ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, ଆଇଏଚ୍ଏସ୍‌ର ଡ. ରମ୍ୟା ମୈତ୍ରୀ, ଡ. ଭବାନୀ ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।




# ଲକ୍ଷେ ଟଙ୍କା ବଟି ମାଗି ଆକ୍ରମଣ, ଯୁବକ ଗିରଫ

ଯାଁଳା, ୨୨।୩(ସମିସ)

ଜଣେ ଯନ୍ତ୍ରୀଙ୍କୁ ଲକ୍ଷେ ଟଙ୍କା ବଟି ମାଗି ଆକ୍ରମଣ କରିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଇନ୍‌ଫୋଭ୍ୟାଲି ଥାନା ଛତାବର ପଞ୍ଚାୟତ ହରପୁର ଗ୍ରାମର ତୁଷାର ସାମନ୍ତସିଂହାର ଓରଫ ଜିଲୁ । ସୂଚନା ଅନୁସାରେ ଅଭିଯୋଗକାରୀ ରାଜେଶ କୁମାର ସେନାପତି ପେସାରେ ଜଣେ ଇଞ୍ଜିନିୟର ଏବଂ ସେ ଏସିପି କନଷ୍ଟ୍ରକ୍ସନ ତରଫରୁ ଇନ୍‌ଫୋଭ୍ୟାଲି ଥାନା ଏମସ୍ ପାର୍କ ନିକଟରେ ହେଉଥିବା ଡ୍ରେନ୍ କାର୍ଯ୍ୟର ତଦାରଖ କରୁଛନ୍ତି । ଶୁକ୍ରବାର ଅପରାହ୍ଣରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଅଭିଯୁକ୍ତ ତୁଷାର ସେଠାରେ ପହଞ୍ଚି ଥିଲେ ଏବଂ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଗାଳିଗୁଲଜ କରି ଧମକାଇଥିଲେ । ଏହି ଖବର ପାଇବା ପରେ ଶ୍ରୀ ସେନାପତି ତୁରନ୍ତ ଘଟଣାସ୍ଥଳକୁ ଯାଇ ପହଞ୍ଚିଥିଲେ । ଅଭିଯୁକ୍ତ ଜଣକ ଶ୍ରୀ ସେନାପତିଙ୍କୁ ଦେଖିବା ମାତ୍ରେ ତାଙ୍କୁ ଗାଳିଗୁଲଜ କରିବା ସହ ଏକ ଲକ୍ଷ ଟଙ୍କା ବଟି ମାଗି ଆକ୍ରମଣ ମଧ୍ୟ କରିଥିଲେ । ଲକ୍ଷେ ଟଙ୍କା ନଦେଲେ ସେ ଶ୍ରୀ ସେନାପତିଙ୍କୁ ହତ୍ୟା କରିବାର ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ଏହି ମାମଲାର ତଦନ୍ତ କରି ଇନ୍‌ଫୋଭ୍ୟାଲି ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରି ଥାନାକୁ ଆଣିଥିଲେ ।

# ଗଞ୍ଜେଇ ଜବତ; ଦୁଇ ମହିଳା ଗିରଫ

ଖୋର୍ଦ୍ଧା, ୨୨।୩(ସମିସ): ସ୍ଥାନୀୟ ନୂଆବସ୍‌ଷ୍ଟାଣ୍ଡ ନିକଟରୁ ଖୋର୍ଦ୍ଧା ଅବକାରୀ ପୁଲିସ ୯କେଜି ଗଞ୍ଜେଇ ଜବତ କରିଥିବା ବେଳେ ଏହି ଘଟଣାରେ ୨ ଜଣ ମହିଳାଙ୍କୁ ଗିରଫ କରିଛି ।



ଗିରଫମାନେ ହେଲେ କନ୍ଧମାଳ ଅଞ୍ଚଳର ଶ୍ରଦ୍ଧାଞ୍ଜଳି ଦିଗଲ (୩୦) ଓ ନମିତା ଦିଗଲ (୪୪) । ଅବକାରୀ ପୁଲିସ ସୂଚନା ଅନୁସାରେ, ଏକ ଯାତ୍ରୀବାହୀ ବସ୍‌ରେ ଶ୍ରଦ୍ଧାଞ୍ଜଳି ଓ ନମିତା ଗଞ୍ଜେଇ ଧରି ଆସି ନୂଆବସ ଷ୍ଟାଣ୍ଡରେ ଓହ୍ଲାଇଥିଲା । ଏଠାରେ ଅନ୍ୟ ଏକ ବସ୍ କୁ ଅପେକ୍ଷା କରିଥିବାବେଳେ ଖବର ପାଇ ଅବକାରୀ ପୁଲିସ ଉଭୟଙ୍କୁ ଗିରଫ କରିଥିଲା । ଶ୍ରଦ୍ଧାଞ୍ଜଳି ଠାରୁ ୪କେଜି ଏବଂ ନମିତା ଠାରୁ ୫କେଜି ଗଞ୍ଜେଇ ଜବତ କରିଥିବା ବେଳେ ଦୁଇଟି ପୃଥକ ମାମଲାରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି ।



ରାଜଭବନ ସମ୍ମୁଖ ଗୋଲେଇ ଛକ: ସୂର୍ଯ୍ୟମୁଖୀରୁ ଖାଦ୍ୟ ଅନ୍ୱେଷଣରେ ଶୁଆ (ଫଟୋ: ବୁଲୁ)

# ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଇନ ସମ୍ମିଳନୀ

ଭୁବନେଶ୍ୱର: ୨୨।୩(ସମିସ)

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ୩ୟ ଜାତୀୟ ସ୍ତରୀୟ ଆଇନ ସମ୍ମିଳନୀ ଏଏସ୍‌ବିଏମ୍ ଲ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଜନସ୍ୱାର୍ଥ ମାମଲା ଓ ସାମାଜିକ ନ୍ୟାୟ ଶୀର୍ଷକ ଆଲୋଚନାଚକ୍ରରେ ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ । ସେ ତାଙ୍କର ବକ୍ତବ୍ୟରେ ଭାରତୀୟ ସମ୍ବିଧାନ ଦ୍ୱାରା ଆଦୃତ ସାମାଜିକ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ବିଶଦ ଆଲୋଚନା କରିବା ସହ ଜନସ୍ୱାର୍ଥ ମାମଲାରେ କିପରି ଜନସାଧାରଣ ନ୍ୟାୟିକ ଲାଭ ହାସଲ କରିପାରୁଛନ୍ତି ତାହା ବର୍ଣ୍ଣନା କରିଥିଲେ । ଓଡିଶା ଉଚ୍ଚନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ସୁବାଶିଷ ତାଳପତ୍ର ମୁଖ୍ୟପ୍ରବକ୍ତା ଭାବେ ଯୋଗଦାନ କରି ଭାରତୀୟ ସାମାଜିକ ନ୍ୟାୟ ବ୍ୟବସ୍ଥା ଓ ଜନସ୍ୱାର୍ଥ ମାମଲା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଓଡିଶା ଉଚ୍ଚନ୍ୟାୟାଳୟର ପୂର୍ବତନ ବିଚାରପତି ତଥା ଓଡିଶା ମାନବ ଅଧିକାର ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ବକ୍ତବ୍ୟ ମାଧ୍ୟମରେ ନିଜସ୍ୱ ନ୍ୟାୟୀକ ଅଭିଜ୍ଞତାର ଅବତାରଣ କରିଥିଲେ । କାଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିକ୍ଷ ପ୍ରଫେସର (ଡ.) ବିଶ୍ୱଜିତ ପଟ୍ଟନାୟକ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଏଥିରେ ଲ ସ୍କୁଲ ଡିନ (ଡ.) ପ୍ରେମାନନ୍ଦ ରଣସିଂହ ଏବଂ କୁଳପତି ପ୍ରଫେସର (ଡ.) ରଞ୍ଜନ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ ।




# ମାଟିପାତ୍ର ପାଇଁ ଅନ୍ୟ ରାଜ୍ୟ ଭରସା

## ସିଲିଗୁଡ଼ି, ଦାର୍ଜିଲିଂରୁ ଆସୁଛି ପାତ୍ର

ଭୁବନେଶ୍ୱର, ୨୨।୩(ସମିସ)

ଆଗ କାଳରେ ପ୍ରତିଘରେ ମାଟି ତିଆରି ପାତ୍ର ଦେଖିବାକୁ ମିଳୁଥିଲା ଏବଂ ବ୍ୟବହାର ବି ହେଉଥିଲା । ଏହା ସହିତ କୁମ୍ଭାର ପରିବାରର ବ୍ୟବସାୟ ମଧ୍ୟ ଠିକ ଚାଲୁଥିଲା । ହେଲେ ସମୟ ସହ ମାଟି ପାତ୍ରର ତିଆରି ଓ ବ୍ୟବହାର ଉଭୟ ଓଡ଼ିଶାରେ କମିଗଲା । ତେଣୁ କୁମ୍ଭାର ପରିବାରର ବେଉସା ବି ସମୟକ୍ରମେ ବୁଡ଼ିଗଲା । କଂସା, ପିତଳ, ସିଲଭର, ଷ୍ଟିଲ୍ ଉପକରଣର ବ୍ୟବହାର ବଢ଼ଇବା ସହ ମାଟି ପାତ୍ରର ଚାହିଦା ହ୍ରାସ ପାଇଗଲା । ଫଳରେ ମାଟିପାତ୍ର ପ୍ରସ୍ତୁତ କରି ପରିବାର ପ୍ରତିପୋଷଣ କରୁଥିବା କାରିଗର ସେମାନଙ୍କ ବେଉସା ହରାଇଲେ । ଏବେ ପୁଣି ସମୟର ପରିବର୍ତ୍ତନ ଘଟିଛି । ଯଦିଓ ଓଡ଼ିଶାରେ ଆଗ ଭଳି ଆଉ କୁମ୍ଭାର ପରିବାର ନାହାନ୍ତି ଏବେ ଯେତିକି ଅଛନ୍ତି, ସେମାନେ ମାଟି ହାଣ୍ଡି, ପଲମ, ସରା ଓ ଅନ୍ୟାନ୍ୟ ପାତ୍ର ଗଢୁଛନ୍ତି । କିଛି ପରିବାର କୁମ୍ଭାର ଚକ ବୁଲାଇବା ବି ଛାଡ଼ି ସାରିଥିବା ବେଳେ କିଛି କୁମ୍ଭାର ପରିବାରଙ୍କ ଘରେ ଆଉ ସେ ଚକ ଦେଖିବାକୁ ମିଳୁନି । ସେମାନେ ନିଜ କୌଳିକ ବୃତ୍ତିକୁ ବଦଳାଇ ଅନ୍ୟ ବୃତ୍ତି ଆପଣେଇବାକୁ ଲାଗିଲେଣି । ଏହି ବୃତ୍ତିରେ ପରିଶ୍ରମର କୌଣସି ମୂଲ୍ୟ ମିଳୁନଥିବାରୁ ସେମାନେ ଏଥିପ୍ରତି ମୁହଁ ଫେରାଇ ନେଉଛନ୍ତି । ଏବେ ବଜାରରେ ଯେଉଁ ସବୁ ମାଟିପାତ୍ର ମିଳୁଛି ତାହା ମଧ୍ୟ ଆମ ଓଡ଼ିଶାର ନୁହେଁ । ଏହାର ଏକ ବଡ ଉଦାହରଣ ଏବେ ରାଜଧାନୀର ବିଭିନ୍ନ ଛକ ଓ ରାସ୍ତା କଡ଼ରେ ଦେଖିବାକୁ ମିଳୁଛି । ଖଣ୍ଡଗିରି, ଜାଗମରା, ସିଆର୍‌ପିଏଫ୍ ଛକ, କଳ୍ପନା ଛକ, ରାଜମହଲ ଛକ ଆଦିରେ ଦେଖିବାକୁ ମିଳୁଛି । ଏହି ସ୍ଥାନରେ ବିକ୍ରି କରାଯାଉଥିବା ମାଟି ପାତ୍ର ବାହାର ରାଜ୍ୟରୁ ଆସୁଥିବା ଜାଣିବାକୁ ମିଳୁଛି । ଖରା ଦିନ ପାଇଁ ମାଟିର କଳସୀ, ଫିଲଟର୍, ପାଣି ବୋତଲ, ଗ୍ଲାସ ଏବଂ ମାଟିର ଫ୍ରିଜ୍ ଓ ମାଟିର ଡିଜାଇନ ପ୍ରେସର କୁକର୍, ହାଣ୍ଡି, କଢ଼େଇ, ଖଡ଼ିକା ପରି ରୋଷେଇ ସାମଗ୍ରୀ ମିଳୁଛି । ମାଟି କଳସୀର ମୂଲ୍ୟ ୮୦ ଟଙ୍କା ଥିବାବେଳେ, ଫିଲଟରର ଆକାର ଓ ଉଚ୍ଚତା ଅନୁଯାୟୀ ୨୨୦, ୨୬୦ ଓ ୩୦୦, ଗ୍ଲାସ୍ ୫୦ ଓ ପାଣିବୋତଲର ମୂଲ୍ୟ ୧୨୦ ଟଙ୍କା ରହିଛି । ଖରାଦିନ ଯୋଗୁଁ ଏ ସବୁ ଅଧିକ ବିକ୍ରି ହେଉଥିବା ପରିଲକ୍ଷିତ ହେଉଛି । ଏହାକୁ ବିକ୍ରି କରୁଥିବା ନିଲ କମଲ ମଣ୍ଡଲ ଯେ କି କଲିକାତାରୁ ଆସି ଏହି ବ୍ୟବସାୟ ୧୭ ବର୍ଷ ଧରି ଓଡ଼ିଶାରେ କରି ଆସୁଛନ୍ତି, ତାଙ୍କ କହିବା ଅନୁଯାୟୀ ଏସବୁ ମାଟିର ଜିନିଷ ସିଲିଗୁଡ଼ି, ବିଧାନ ନଗର, ଦାର୍ଜିଲିଂ ଭଳି ସ୍ଥାନରୁ ଓଡ଼ିଶାକୁ ଆଣି ବିକ୍ରି କରାଯାଉଛି । ଓଡ଼ିଶାରେ ପାରମ୍ପରିକ ଶୈଳୀରେ ଏସବୁ ସାମଗ୍ରୀ ପ୍ରସ୍ତୁତ ହେଉଥିବାବେଳେ ବାହାର ରାଜ୍ୟରେ ବିଭିନ୍ନ ଡିଜାଇନର ପାତ୍ର ମିଳୁଛି । ଓଡ଼ିଶାରେ ବିଭିନ୍ନ କଳାକୁ ପ୍ରୋତ୍ସାହନ ଦେବା ଓ ବିକାଶ ଦିଗରେ ଆଗକୁ ବଢ଼ାଇବା ପାଇଁ ସ୍କିଲ ଇଣ୍ଡିଆ ପରି ଅନେକ ଯୋଜନା ଚାଲିଛି । କିନ୍ତୁ ଦୁଃଖର ବିଷୟ ଯେ ଆମ ରାଜ୍ୟର କୁମ୍ଭାରମାନଙ୍କ ବୃତ୍ତି ବଞ୍ଚାଇବା ତଥା ତାଙ୍କ ଦକ୍ଷତାର ବିକାଶ ଦିଗରେ କୌଣସି କାମ କରାଯାଉ ନାହିଁ । ଫଳରେ ସେମାନେ ଅନ୍ୟ ରାଜ୍ୟର କାରିଗର ଓ ଶିଳ୍ପୀମାନଙ୍କ ତୁଳନାରେ ବହୁତ ପଛରେ ପଡ଼ିଯାଉଛନ୍ତି ବୋଲି କ୍ଷୋଭର ସହ କୁହନ୍ତି । ଏପରିକି ନିଜ କୌଳିକ ବୃତ୍ତି ବଦଳାଇବାକୁ ବାଧ ହେଉଛନ୍ତି ବୋଲି କହି ଅନେକ କୁମ୍ଭାର ପରିବାର ନିଜ ଦୁଃଖ ପ୍ରକାଶ କରି କହିଛନ୍ତି ।



## ଉତ୍ତର ପୁରୁଷ ନାଟକ ପରିକ୍ରମା ଉଦ୍‌ଯାପିତ

# ଶେଷ ସନ୍ଧ୍ୟାରେ 'ସରଳାର ଚିଠି'

ଭୁବନେଶ୍ୱର, ୨୨।୩(ସମିସ):

ଉତ୍ତରପୁରୁଷ 'ବାର୍ଷିକ ନାଟକ ପରିକ୍ରମା -୨୦୨୪' ଉଦ୍‌ଯାପିତ ହୋଇଯାଇଛି । ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହେଉଥିବା ଏହି ନାଟକ ପରିକ୍ରମାର ଶେଷ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ସରଳାର ଚିଠି' । ନାଟକର ନିର୍ଦ୍ଦେଶନା ଦେଇଥିଲେ ଦେବଦତ୍ତ ପତି । ନାଟକର କାହାଣୀ ଅନୁସାରେ, ସ୍ତ୍ରୀ ଲୋକଟିଏ କେବେ ବି କାହା ସହ ସାଲିସ କରିବା ଉଚିତ୍ ନୁହେଁ । ବିଶେଷ କରି ନିଜ ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ତ କେବେ ନୁହେଁ । ସ୍ତ୍ରୀଲୋକଟିଏ ପ୍ରେମର ଗୀତ ଗାଇଲେ ପୃଥିବୀର ବଗିଚାରେ ଲାଲ ଗୋଲାପ ଫୁଟେ, ବେଦନାଭରା କଥା କହିଲେ କଳା ରଙ୍ଗର ଗୋଲାପ ଫୁଟେ, ସୁଖର ଗପ କହିଲେ ଧଳା ଗୋଲାପ ଫୁଟେ । ସ୍ତ୍ରୀ ଲୋକଟିଏ ନିଜ ଜୀବନର ଅନେକ ଗୁଡ଼ିଏ ଛୋଟ ଓ ବଡ଼ ଖୁସି ଓ ଦୁଃଖ ସବୁକୁ ନିଜ ଭିତରେ ଲୁଚାଇ ରଖିଥାଏ । ସେ ସବୁ ଛୋଟ ଛୋଟ ଖୁସି ଓ ଦୁଃଖକୁ ସେ ନିଜ ଭିତରୁ କାଢ଼ି ପାରେନା କି ତାକୁ ନିଜ ଭିତରେ କବର ଦେଇ ପାରେନା । ନାରୀ ଜୀବନର ଏପରି କିଛି ଅକୁହା କଥାକୁ ନେଇ ପରିବେଷିତ ହୋଇଥିଲା ନାଟକ 'ସରଳାର ଚିଠି' । ଏଥିରେ ବିଭିନ୍ନ ଭୂମିକାରେ ଡ. ପ୍ରସନ୍ନ ମିଶ୍ର, ଗୌରବ, ଅମିତ୍, ସଂଗ୍ରାମ, କ୍ରିଷ୍ଣା, ଚନ୍ଦନ, ରୂପଶ୍ରୀ, ଅଞ୍ଜଳି, ଧରିତ୍ରୀ, ପ୍ରତିମା ପ୍ରମୁଖ ଅଭିନୟ କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ସାମ୍ବାଦିକା ସୌମ୍ୟା ପରିଡ଼ା, ଲେଖିକା ବିଯୋତପ୍ରଜ୍ଞା ତ୍ରିପାଠୀ, କଥାର ସମ୍ପାଦକ ଗୌରହରି ଦାସ, ଅନୁଷ୍ଠାନର ଉପସଭାପତି ଚିତ୍ତରଞ୍ଜନନ ସ୍ୱାଇଁ ଉପସ୍ଥିତ ଥିଲେ । ଏହି ଅବସରରେ ଧୀରେନ୍ଦ୍ର ନାଥ ମଲ୍ଲିକଙ୍କୁ 'ଅସୀମ ବସୁ ସମ୍ମାନ' ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଦେବଦତ୍ତ ପତି ।





# ତଦନ୍ତକାରୀ ଏଜେନ୍ସିକୁ ମୋହରା କରୁଛନ୍ତି ଠକ

ଭୁବନେଶ୍ୱର, ୨୨।୩(ସମିସ)

ତଦନ୍ତକାରୀ ସଂସ୍ଥା ଇଡି, ସିବିଆଇ, ଭିଜିଲାନ୍ସ ତଥା ପୁଲିସ ଉପରେ ସାଧାରଣ ଲୋକଙ୍କ ଯଥେଷ୍ଟ ଭରସା ରହିଛି। ତଦନ୍ତକାରୀ ସଂସ୍ଥା ଲୋକଙ୍କୁ ନ୍ୟାୟ ଦେଉଥିବାରୁ ସାଧାରଣ ଲୋକଙ୍କ ସମ୍ମାନ ରହିଛି।

- ଚଢ଼ଉ ଆଳରେ ଧମକ ଦେଇ ଟଙ୍କା ଆଦାୟ
- ଗିରଫ ଭୟରେ ସରକାରୀ ବାବୁ ଦେଉଛନ୍ତି ଅର୍ଥ
- ଲୋକେ ସଚେତନ ହେବାକୁ ପୁଲିସର ପରାମର୍ଶ



କିନ୍ତୁ ଏବେ କିଛି ଠକ ଟଙ୍କା ପାଇଁ ଏହି ତଦନ୍ତକାରୀ ଏଜେନ୍ସିଙ୍କ ନାମକୁ ବଦନାମ କରୁଛନ୍ତି। କେତେକ ଠକ ଲୋକଙ୍କୁ ନକଲି ତଦନ୍ତକାରୀ ଏଜେନ୍ସିର ଅଧିକାରୀ କହି ଅର୍ଥ ଲୁଟି ନେଉଛନ୍ତି। କିଏ ନିଜକୁ ସିବିଆଇ ଅଫିସର୍ କହି ଟଙ୍କା ଠକି ନେଉଥିବା ବେଳେ ଆଉ କିଏ ଇଡି, ପୁଣି ଆଉ କିଏ ନିଜକୁ ପୁଲିସ କହି ଟଙ୍କା ଆଦାୟ କରୁଛନ୍ତି। ବିଗତ ଦିନରେ ରାଜଧାନୀରେ ଏଭଳି ଲୁଟ୍‌ପାଟ ବଢ଼ିବା ପରେ ସଜାଗ ହୋଇଛି ପୁଲିସ। ତେଣୁ ପୁଲିସ ଲୋକଙ୍କୁ ସଚେତନ କରିଛି। ଯଦି କେହି ଏଭଳି ତଦନ୍ତକାରୀ ସଂସ୍ଥା ନାଁରେ ଟଙ୍କା ମାଗେ ତାହା ଉପରେ ବିଶ୍ୱାସ କରନ୍ତୁ ନାହିଁ। ଏନେଇ ତୁରନ୍ତ ପୁଲିସ କଣ୍ଟ୍ରୋଲ୍ ରୁମ୍‌କୁ ଫୋନ୍ କରି ଜଣାଇବାକୁ ପୁଲିସ କମିସନର ସୂଚନା ଦେଇଛନ୍ତି। ଅନେକ ସମୟରେ ପୁଲିସ ନେମ୍ ପ୍ଲେଟ୍ ପିନ୍ଧୁନଥିବାରୁ ଲୋକେ ଜାଣି ପାରୁନାହାନ୍ତି।

## ଇଡି ଅଧିକାରୀ କହି ଟଙ୍କା ଆଦାୟ

ନିଜକୁ ଇଡି ଅଧିକରୀ ପରିଚୟ ଦେଇ ଛତ୍ରପୁର ଉପ ଜିଲ୍ଲାପାଳଙ୍କ ଠାରୁ ଟଙ୍କା ମାଗିବା ଅଭିଯୋଗରେ ଦୁଇ ଭାଇଙ୍କୁ ଏସ୍‌ଟିଏଫ୍ ଦୁଇ ଦିନ ତଳେ ଗିରଫ କରିଛି। ସେମାନେ ହେଲେ ତାରିଣୀସେନ୍ ମହାପାତ୍ର ଏବଂ ବ୍ରହ୍ମାଶଙ୍କର ମହାପାତ୍ର। ସେମାନଙ୍କ ଘର ଢେଙ୍କାନାଳ। ଝାଡ଼ଖଣ୍ଡରେ ମଧ ଏକାଧିକ ସରକାରୀ ବାବୁମାନଙ୍କୁ ସେମାନେ ଠକିଛନ୍ତି। ତୁମ ନାମରେ ଇଡିରେ ଅଭିଯୋଗ ରହିଛି। ଟଙ୍କା ଦେଲେ କ୍ଲିଏରାନ୍ସ ମିଳିବ ବୋଲି ଧମକ ଦେଇ ଟଙ୍କା ଠକୁଥିଲେ।

## ଭିଜିଲାନ୍ସ ଏସ୍‌ପି କହି ଠକେଇ

ସେହିପରି ନିଜକୁ ଭିଜିଲାନ୍ସ ଏସ୍‌ପି ପରିଚୟ ଦେଇ ଠିକାଦାରଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ କୃଷ୍ଣପ୍ରସାଦର ମନୋଜ କୁମାର ମାଝୀ। ସେ ଏକାଧିକ ଠିକାଦାର, ବିଲ୍ଡର, ଜେଇ ଏବଂ ସରକାରୀ ଅଫିସରଙ୍କୁ ଫୋନ୍ କରୁଥିଲା। ସେମାନଙ୍କ ନାମରେ ଭିଜିଲାନ୍ସରେ ଅଭିଯୋଗ ହୋଇଛି। ଏନେଇ ଚଢାଉ କରାଯିବ ବୋଲି କହି ଡରାଉଥିଲେ। ପରେ ରଫାଦଫା ପାଇଁ ମୋଟା ରକମର ଟଙ୍କା ମାଗୁଥିଲେ। ଏହିଭଳି ନିଜକୁ ଭିଜିଲାନ୍ସ ଏସ୍‌ପି କହି ଠିକାଦାରଙ୍କ ଠାରୁ ୧୫ଲକ୍ଷ ନେବା ସମୟରେ ଏସ୍‌ଟିଏଫ୍ ହାତରେ ଗିରଫ ହୋଇଥିଲେ। ପରେ ଏହିଭଳି ଆଉ ଏକ ମାମଲାରେ ସାଇବର ଥାନା ତାକୁ ଗିରଫ କରିଥିଲା।

## ନକଲି ସିବିଆଇ ଅଫିସର

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଜାତୀୟ ରାଜପଥ ୧୮ ନମ୍ବର କଳାବାଡିଆ ନିକଟରେ ଏକ ବାମ୍ବୁଲାନ୍ସରୁ ନକଲି ସିବିଆଇ ଅଫିସର ଧରା ହୋଇଥିଲେ। ଆମ୍ବୁଲାନ୍ସରେ ଜଣେ ଅପରାଧିକୁ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମାନ୍ତ ଜାମଶୋଳା ନେଇ ଛାଡ଼ିବାକୁ ଯାଉଥିଲେ। ସ୍ଥାନୀୟ ଲୋକେ ଗାଡ଼ିକୁ ଅଟକାଇବା ପରେ ରୋଗୀ ହୋଇ ଶୋଇଥିବା ଅପରାଧୀ ଫେରାର ହୋଇଯାଇଥିଲେ। ଏହାପରେ ସ୍ଥାନୀୟ ଲୋକ ଦୁଇ ଯୁବକଙ୍କୁ କାବୁ କରିବା ପରେ ସେ ନିଜକୁ ସିବିଆଇ ଅଧିକାରୀ ବୋଲି କହିଥିଲା।

## ସ୍ପେଶାଲ ସ୍କ୍ୱାଡ୍ ଆଳରେ ଟଙ୍କା ଲୁଟ୍

ପୁଲିସ ବିଭାଗରୁ ଅବସରପ୍ରାପ୍ତ ପରେ ଜଣେ ଏଏସ୍‌ଆଇ ଲୋକଙ୍କ ଠାରୁ ଟଙ୍କା ଲୁଟ୍‌ପାଟ କରୁଥିଲେ। ଲୋକଙ୍କୁ ରାସ୍ତା ଉପରେ ଅଟକାଇ ସ୍ପେଶାଲ ସ୍କ୍ୱାଡ୍ ନାମରେ ଟଙ୍କା ମାଗନ୍ତି। ଟଙ୍କା ନଦେଲେ ତାଙ୍କୁ ମିଛ ମାମଲାରେ ଫସାଇ ଦେବାକୁ ଧମକ ଦିଅନ୍ତି। ଶେଷରେ ଅବସରପ୍ରାପ୍ତ ପୁଲିସ ଏବଂ ତାର ସହଯୋଗୀକୁ ଗିରଫ କରିଥିଲା ଲିଙ୍ଗରାଜ ଥାନା ପୁଲିସ। ଗିରଫ ୨ ଅଭିଯୁକ୍ତ ହେଲେ, ସହିଦନଗର ଅଞ୍ଚଳର ଜ୍ଞାନ ରଞ୍ଜନ ମହାନ୍ତି ଓ ସହଯୋଗୀ କାହ୍ନୁ ଚରଣ ସାହୁ।

## ନକଲି ସିବିଆଇ ଅଫିସର କରି ଠକେଇ

ଏଭଳି ମିଛ କହି ଠକୁଥିବା ସହିଦନଗରର ପାପୁନି ସ୍ୱାଇଁ ଓରଫ ନିଖିଲ। ସେ ନିଜକୁ ସିବିଆଇ ଅଫିସର କହି ଫୁଲେଶ୍ୱରୀ ବସ୍ତିର ଜଣେ କାର୍ ଚାଳକଙ୍କୁ ତାଙ୍କ ଝିଅର ଅପରେସନ୍ କରାଇ ଦେବା ଆଳରେ ନଗଦ ୩୦ ହଜାର ଟଙ୍କା ଏବଂ ୩୦ ହଜାର ଟଙ୍କା ମୋବାଇଲ୍ ସାମଗ୍ରୀ ଠକି ନେଇଥିଲେ।

## ଦୁଷ୍କର୍ମରେ ପୁଲିସ ପୋଷାକ

ଭରତପୁର ଆଲବମ ଅଭିନେତ୍ରୀ ତଥା ନାବାଳିକା ଦୁଷ୍କର୍ମ ଘଟଣାରେ ପୁଲିସର ଲିଙ୍କ୍ ମିଳିଛି। ଅଭିଯୁକ୍ତଙ୍କ ଘରୁ ପୁଲିସ ପୋଷାକ ମିଳିଛି। ସେମାନେ ନାବାଳିକାଙ୍କୁ ଆଲବମ୍ ସୁଟିଂ କରିବା ପାଇଁ ପୁଲିସ ପୋଷାକ ଭଡ଼ାକୁ ଆଣିଥିଲେ। କିନ୍ତୁ ସୁଟିଂ ନକରି ତାଙ୍କ ସହ ରାତି ସାରା ଦୁଷ୍କର୍ମ କରିଥିଲେ।

# ଜଳସମ୍ପଦ ବିଭାଗରେ ବିଶ୍ୱ ଜଳ ଦିବସ

ଭୁବନେଶ୍ୱର, ୨୨।୩(ସମିସ)

ମିଳିତ ଜାତିସଂଘର ଘୋଷଣା ଅନୁସାରେ ମାର୍ଚ୍ଚ ୨୨ ତାରିଖକୁ ବିଶ୍ୱ ଜଳ ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସ ପାଳନର ବାର୍ତ୍ତା ରହିଛି 'ଶାନ୍ତି ପାଇଁ ଜଳ', ଯେଉଁଥିରେ ବିଶ୍ୱର ସ୍ଥିରତା ଏବଂ ସମୃଦ୍ଧିରେ ଜଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୃଦ୍ଧି ଏବଂ ବିଶ୍ୱ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଆମର ସବୁଠାରୁ ମୂଲ୍ୟବାନ 'ଜଳସମ୍ପଦ'ର ସୁରକ୍ଷା ଓ ସଂରକ୍ଷଣ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ସମସ୍ତଙ୍କ ମାନବିକ ଅଧିକାର ଏବଂ ଆବଶ୍ୟକତାକୁ ସନ୍ତୁଳିତ କରିବା ପାଇଁ ସମ୍ମିଳିତ ପ୍ରୟାସ ଆବଶ୍ୟକ। ଯାହା ଦ୍ୱାରା ଜଳ ଏକ ସ୍ଥିର ଶକ୍ତି ଏବଂ ନିରନ୍ତର ବିକାଶ ପାଇଁ ଏକ ଉତ୍ପ୍ରେରକ ହୋଇପାରିବ। ବିଶ୍ୱ ଜଳ ଦିବସ ଅବସରରେ ଓଡ଼ିଶା ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଶୁକ୍ରବାର ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳର ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ ଉନ୍ନୟନ କମିସନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଧିବେଶନରେ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜଳର ସଂରକ୍ଷଣ-ପୁନଃ ବ୍ୟବହାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଫସଲର ବିବିଧିକରଣ ପୂର୍ବକ ସମାନ ଜମିରୁ ବର୍ଷରେ ଏକାଧିକ ଫସଲ ଅମଳ କରାଯିବା, ଜଳ ବ୍ୟବହାର ପାଇଁ ଜ୍ଞାନକୌଶଳ ପ୍ରୟୋଗ, ସମାନତା ଏବଂ ନ୍ୟାୟସଙ୍ଗତ ଭାବରେ ଜଳ ପରିଚାଳନା, ଏଥିରେ ମହିଳମାନଙ୍କର ଦାୟିତ୍ୱ ଏବଂ ଜଳ ବଣ୍ଟନରେ ଥିବା ମତଭେଦକୁ ଆପୋଷ ଭାବରେ ସମାଧାନ କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।



## ସ୍ୱେଚ୍ଛାସେବୀ ସେବାକେନ୍ଦ୍ର

ଜଳର ସୁରକ୍ଷା ପାଇଁ ଆମକୁ ଏବେଠାରୁ ସଚେତନ ହେବାକୁ ପଡ଼ିବ। ସ୍ୱେଚ୍ଛାସେବୀ ସେବାକେନ୍ଦ୍ର ପକ୍ଷରୁ ଆୟୋଜିତ ଜଳ ଦିବସ ଅବସରରେ କର୍ମକର୍ତ୍ତାମାନେ ଏହା କହିଛନ୍ତି। ଶୁକ୍ରବାର ରତିକାନ୍ତ ନାଥ ଓ ସ୍ୱପ୍ନା ନାଥଙ୍କ ମିଳିତ ଉଦ୍ୟମରେ ଚନ୍ଦକା ଗ୍ରାମବାସୀଙ୍କୁ ଜଳ ସଂରକ୍ଷଣ ଉପରେ ସଚେତନତା କରାଯାଇଥିଲା। ଏହାସହ ସନ୍ତୋଷ କୁମାର ସାହୁ ଓ ଭାଗ୍ୟଲକ୍ଷ୍ମୀ ଖୁଣ୍ଟିଆଙ୍କ ଉଦ୍ୟମରେ ରାଜମହଲଠାରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ପଦଯାତ୍ରା ଦ୍ୱାରା ସହରବାସୀଙ୍କୁ ଜଳ ସୁରକ୍ଷା ଉପରେ ସଚେତନ କରଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସେବାକେନ୍ଦ୍ରର ସମ୍ପାଦକ ବାପି ନାୟକ, ପ୍ରିୟାଲି ବେହେରା, ଭାଗୀରଥି ନାୟକ, ବୀଣା, ଗୀତାଞ୍ଜଳି, ଅଜୟ ପ୍ରମୁଖ ଯୋଗଦେଇ ଜଳ ସଂରକ୍ଷଣ ଉପରେ ବାର୍ତ୍ତା ପ୍ରଦାନ କରିଥିଲେ।




## ଜଳଦାନ କେନ୍ଦ୍ରର ଶୁଭାରମ୍ଭ



ଭୁବନେଶ୍ୱର, ୨୨।୩(ସମିସ): ବିଶ୍ୱ ଜଳ ଦିବସ ଅବସରରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ମାର୍ଗରେ ଏକ ଜଳଦାନ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ସାମାଜିକ ଅନୁଷ୍ଠାନ ଜନମଙ୍ଗଳ ପରିଷଦ ପକ୍ଷରୁ ପଥଚାରୀମାନଙ୍କୁ ପ୍ରତ୍ୟହ ସ୍ୱଚ୍ଛ ପାନୀୟ ଜଳ ପ୍ରଦାନ ନିମନ୍ତେ ଏହା ଆରମ୍ଭ କରାଯାଇଛି। ଏହି ସେବା ଆସନ୍ତା ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପରିଷଦ ତରଫରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କମିସନର ଅଫ୍ ପୋଲିସ୍ ଜୋନ୍-୧ର ଏସିପି ଶୁଭ ନାରାୟଣ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଟ୍ରେନିଂ ସେଲ୍‌ଫ ଏସିପି ମାନସ ଗଡ଼ନାୟକ ଉପସ୍ଥିତ ଥିଲେ। ପରିଷଦର ଅଧ୍ୟକ୍ଷ ଅଲେଖ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ଦାଶ, ଯୁବ କର୍ମୀ ନିରଞ୍ଜନ ସାହୁ, ସୁକାନ୍ତ ମହାନ୍ତି, ସୀମାଦ୍ରି ଶେଖର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାହ'ଇ ନବବର୍ଷ 'ନଉରୁଜ' ପାଳିତ



ଭୁବନେଶ୍ୱର, ୨୨।୩(ସମିସ): ବାହ'ଇ ଭବନଠାରେ ବାହ'ଇ ନବବର୍ଷ 'ନଉରୁଜ' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏ ଯୁଗରେ ବାହ'ଇ ମାନଙ୍କ ଅବଦାନ ଓ ସିଦ୍ଧାନ୍ତ ଗୁଡ଼ିକର ମହତ୍ତ୍ୱ ଉପରେ ନିଜର ଅଭିଭାଷଣ ରଖିଥିଲେ। ବାହ'ଇ ବିଦ୍ୱାନ କିଶୋର ଚନ୍ଦ୍ର ପରିଚ୍ଛା ମୁଖ୍ୟବକ୍ତାଭାବେ ବାହ'ଇ ନବବର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ। ସହରର ଶିଶୁ ଓ କିଶୋରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ସଙ୍ଗୀତ ଦ୍ୱାରା ନଉ-ରୁଜର ସନ୍ଧ୍ୟାକୁ ଲୋକେ ମନଭରି ଉପଭୋଗ କରିଥିଲେ। ଭୁବନେଶ୍ୱର ସହରର ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ଓ ସଭାପତିଙ୍କୁ ସମାଜ ନିର୍ମାଣରେ ନିଜର ମହତ୍ୱପୂର୍ଣ୍ଣ ଅବଦାନ ନିମନ୍ତେ ବାହ'ଇ ବସତି ଦ୍ୱାରା ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ଆଧ୍ୟାୟିକ ସଭାର ସମ୍ପାଦିକା କାବ୍ୟତାରା ପତି ସଭାପତିତ୍ୱ କରିଥିଲେ। କାଯ୍ୟକ୍ରମରେ ସହରର ବିଭିନ୍ନ ବର୍ଗରୁ ଦୁଇଶହରୁ ଅଧିକ ଲୋକ ଉପସ୍ଥିତ ଥିଲେ।

## 'ବିବା'ର ନୂଆ ସମର୍ କଲେକ୍ସନ ଶୁଭାରମ୍ଭ




ଭୁବନେଶ୍ୱର, ୨୨।୩(ସମିସ): ଫ୍ୟାସନ ବ୍ରାଣ୍ଡ ବିବା ପକ୍ଷରୁ ଭୁବନେଶ୍ୱରସ୍ଥିତ କମ୍ପାନୀର ଫ୍ଲାଗସିପ୍ ଷ୍ଟୋର୍‌ଠାରେ ଏହାର ନୂଆ ସମର କଲେକ୍ସନର ଗ୍ରାଣ୍ଡ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଯାହାର ବିଷୟବସ୍ତୁ ରହିଛି 'ହର୍ ନଜର୍ ମେଁ କୁଛ୍ ନୟା'। ଉତ୍ସାହକୁ ବୃଦ୍ଧି କରି ଏହି ଶୁଭାରମ୍ଭ ଇଭେଣ୍ଟରେ ଓଡ଼ିଶାର ଲୋକପ୍ରିୟ ସେଲିବ୍ରିଟି ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଯୋଗ ଦେଇଥିଲେ। ଏହି ଲଞ୍ଚ ଇଭେଣ୍ଟରେ ଉପଭୋକ୍ତାଙ୍କୁ ଅତିଥି ସେଲିବ୍ରିଟିମାନେ ଫ୍ୟାଶନ ଟିପ୍ସ ସେୟାର କରିଥିଲେ। ଗ୍ରୀଷ୍ମ ଋତୁ ଆସୁଥିବାରୁ ବିବା ପକ୍ଷରୁ ଏହାର ନୂତନ କଲେକ୍ସନରେ ଜୀବନ୍ତ ରଙ୍ଗ, ସୂକ୍ଷ୍ମ ଶୈଳୀ ଓ ସରଳ ଷ୍ଟାଇଲ୍‌ର ପରିପାଟୀ ଯୋଗାଇ ଦିଆଯାଇଛି। ଭୁବନେଶ୍ୱରରେ ଏହି ନୂତନ କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ନିଜର ଉତ୍ସାହ ବ୍ୟକ୍ତ କରି ବିବାର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ବିନ୍ଦ୍ରା କହିଛନ୍ତି ଯେ, ଭୁବନେଶ୍ୱରର ଜୀବନ୍ତ ସହରରୁ ଆମେ ବିବାର ସିଗ୍ନେଚର ଉତ୍କର୍ଷତା ଓ ଷ୍ଟାଇଲର ଶୁଭାରମ୍ଭ କରି ଉତ୍ସାହିତ ରହିଛୁ। ଅର୍ଚ୍ଚିତା ସାହୁ କହିଛନ୍ତି ଯେ ପ୍ରତ୍ୟେକ ନୂଆ କଲେକ୍ସନ ସହିତ ବିବା ସବୁବେଳେ ଏହାର ଜୀବନ୍ତ ରଙ୍ଗ, ସୂକ୍ଷ୍ମ ଡିଜାଇନକୁ ଗୁରୁତ୍ୱ ଦେଇଥାଏ।

## ଭୋଗ ଖାଇଲେ କୋଠଦୋଳ



ବାଲିଅନ୍ତା, ୨୨।୩(ସମିସ): ସ୍ଥାନୀୟ ସରକଣା ଓ ପୂରଣପଧାନ ପଞ୍ଚାୟତରେ କୋଠଦୋଳ ଭୋଗଖିଆ ନୀତି ଆରମ୍ଭ ହୋଇଛି। ଏକାଦଶୀ ରାତିରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଦିଅଁ ଭକ୍ତଙ୍କ ଘରେ ଭୋଗ ଖାଇଥାନ୍ତି। ସରକଣା ଶାସନ, ସରକଣା ସାମନ୍ତରା ସାହି ଏବଂ ପୂରଣ ସାମନ୍ତରା ସାହିରେ ପହିଲି ଭୋଗ ଖାଇଥିଲେ। ଆଜି ରଣପୁର, ସରକଣା, ପୋଖରୀ କୂଳସାହି, ଭାରତିବାଗ ଏବଂ ବାଲିଗୁଣ୍ଡି ଆଦି ଗ୍ରାମରେ ଶ୍ରଦ୍ଧାଳୁଙ୍କ ଘର ଘର ବୁଲି ଦିଅଁଙ୍କ ଭୋଗ ଖିଆ ନୀତି ଚାଲିଛି। ପୂର୍ଣ୍ଣିମା ଦିନ ମେଣ୍ଢା କୁଡ଼ିଆ ପୋଡ଼ି ନୀତି ସମ୍ପନ୍ନ ହେବ।

## ୨୦ଜଣଙ୍କୁ 'ଓଡ଼ିଶା ଉଦ୍ୟୋଗୀ ପୁରସ୍କାର




ଭୁବନେଶ୍ୱର, ୨୨।୩(ସମିସ)

ଓଡ଼ିଶାର ଅଭିବୃଦ୍ଧି କାହାଣୀରେ ରାଜ୍ୟର ଯେଉଁ ଯୁବ ତଥା ପ୍ରତିଷ୍ଠିତ ଉଦ୍ୟୋଗୀମାନଙ୍କ ବିଶେଷ ଅବଦାନ ରହିଛି ସେମାନଙ୍କୁ ସ୍ୱୀକୃତି ଦେବା ପାଇଁ ଏକ ନମ୍ର ପ୍ରୟାସ କରିଛି ନିର୍ବାଣ ଫାଉଣ୍ଡେସନ।

ସାମାଜିକ ସଂଗଠନ ନିର୍ବାଣ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଏକ ହୋଟେଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ 'ଓଡ଼ିଶା ଉଦ୍ୟୋଗୀ ପୁରସ୍କାର-୨୦୨୪' ପ୍ରଦାନ କରାଯାଇଛି। ସମାଜର ବିଭିନ୍ନ କ୍ଷେତ୍ରରୁ ବଞ୍ଚିତ ପିଲାମାନଙ୍କ ମୁହଁରେ ହସ ଫୁଟାଇବା ସହ ମେଧାବୀ ଛାତ୍ରମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ବସ୍ତି ପିଲାମାନଙ୍କର ଉନ୍ନତି ଦିଗରେ କାର୍ଯ୍ୟ କରିଆସୁଛି ଉକ୍ତ ସଂଗଠନ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭୁବନେଶ୍ୱରର ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ପାରାଦ୍ୱୀପ ପରିବହନର ସିଏମ୍‌ଡି ପ୍ରଭାତ ନନ୍ଦୀ, ଓଡ଼ିଶା ଚାପ୍ଟର ମୁଖ୍ୟ କମଳାକାନ୍ତ ସାହୁ, ହେଲ୍ପ ଅନ୍ ଟପ୍‌ର ପ୍ରତିଷ୍ଠାତା ଗୌରଭ ରାଲହନ, ସମାଜସେବୀ ଡ. ରୀନା ରାଉତରାୟ, ଅଭିନେତ୍ରୀ ନିକିତା ପ୍ରମୁଖ ଯୋଗଦେଇଥିଲେ। ଏଥିରେ 'ଓଡ଼ିଶା ଆଟ୍ ୨୦୨୪: ସ୍କୋପସ୍, ଚ୍ୟାଲେଞ୍ଜେସ୍ ଏବଂ ରୋଡ୍ ଆଗରେ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨୦ଜଣ ଉଦ୍ୟୋଗୀଙ୍କୁ 'ଓଡ଼ିଶା ଉଦ୍ୟୋଗୀ ପୁରସ୍କାର-୨୦୨୪' ପ୍ରଦାନ କରାଯାଇଥିଲା। ଏହାସହ ଜଣେ କର୍କଟ ରୋଗୀ ଏବଂ ଜଣେ ଭିନ୍ନକ୍ଷମ ଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନର ପ୍ରତିଷ୍ଠାତା ଭରତ ପ୍ରଧାନଙ୍କର ଏଭଳି ମହତ ଚିନ୍ତାଧାରା ଓ ଉଦ୍ଦେଶ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ।

## ଅଙ୍ଗଦାନ ପାଇଁ ଯୁବକଙ୍କ ନିଆରା ସଚେତନତା ରାଲି

# ବାଇକ୍‌ରେ ବୁଲିଲେଣି ୧୨ ଜିଲ୍ଲା, ଲକ୍ଷ୍ୟ ଭାରତ ଭ୍ରମଣ

ଭୁବନେଶ୍ୱର, ୨୨।୩(ସମିସ)

ନିୟମିତ ଦୁର୍ଘଟଣାଜନିତ ହେଉ ବା ଅନ୍ୟ କେଉଁ କାରଣରୁ ମଣିଷର ବ୍ରେନ୍ ଡେଡ୍ ହୋଇଯାଉଥିବା ଘଟଣା ଅନେକ ଦେଖିବାକୁ ମିଳିଥାଏ। ଏହିଭଳି ଘଟଣାରେ ଅଧିକାଂଶ କ୍ଷେତ୍ରରେ ୨ରୁ ୩ଦିନ ମଧ୍ୟରେ ବ୍ୟକ୍ତିର ମୃତ୍ୟୁ ଘଟିଥାଏ। ମୃତ୍ୟୁପରେ ତାଙ୍କୁ ପୋଡ଼ି ବା ପୋତି ଦିଆଯାଇଥାଏ। ଏହାଦ୍ୱାରା ତାଙ୍କ ଶରୀରର ଅଙ୍ଗପ୍ରତ୍ୟଙ୍ଗ ନଷ୍ଟ ହୋଇଯାଏ। କିନ୍ତୁ ଆମର ଟିକିଏ ପ୍ରୟାସ କେତେକଙ୍କ ଜୀବନରେ ଖୁସିର ମୁହୂର୍ତ୍ତ ଆଣିପାରିବ। ମୃତ ବ୍ୟକ୍ତିର ଭଲ ଥିବା ଅଙ୍ଗକୁ ଅନ୍ୟ ଜୀବିତ ବ୍ୟକ୍ତି ଦେହରେ ପ୍ରତିରୋପଣ କରାଯାଇପାରିଲେ ଜଣଙ୍କର ଜୀବନ ଅନ୍ତତଃ ବଞ୍ଚିପାରିବ। ସେଭଳି କ୍ଷେତ୍ରରେ ଅଙ୍ଗଦାନ କରିବା ନିହାତି ଜରୁରୀ। କାରଣ ନିୟମିତ ଅଙ୍ଗ ଅଭାବରୁ ଅନେକଙ୍କ ଲୋକଙ୍କ ମୃତ୍ୟୁ ଘଟୁଛି। ଯଦି ଜଣେ ମୃତଙ୍କ ଅଙ୍ଗ ଅନ୍ୟ ଠାରେ ପ୍ରତିରୋପଣ କରାଯାଇ ତାଙ୍କ ଜୀବନରେ ଏକ ନୂଆ ଦିଶା ଦେଖାଇ ପାରୁଛି ତେବେ ସମସ୍ତେ ଏଥିପ୍ରତି ସଚେତନ ହେବା ଆବଶ୍ୟକ। ଯଦି ଏବେଠାରୁ ଆମେ ସଚେତନ ହେବା ତେବେ ଅନେକଙ୍କ ମୂଲ୍ୟବାନ ଜୀବନ ବଞ୍ଚାଇପାରିବା। ପ୍ରତ୍ୟେକ ଜୀବନ ମୂଲ୍ୟବାନ, ଅଙ୍ଗ ଅଭାବରୁ କାହାର ଜୀବନ ନଯାଉ ଏଭଳି ସଚେତନତା ବାର୍ତ୍ତା ନେଇ ସାରା ଓଡ଼ିଶା ଭ୍ରମଣ କରୁଛନ୍ତି ରାଜଧାନୀର ଶଶିକାନ୍ତ ସ୍ୱାଇଁ।

ଶଶିକାନ୍ତ ରାଜଧାନୀର ସୁନ୍ଦରପଦାରେ ପରିବାର ସହ ରୁହନ୍ତି। ସେ ପେସାରେ ଜଣେ ବ୍ୟବସାୟୀ ହୋଇ ମଧ ସମାଜସେବା ତାଙ୍କର ଆଉ ଏକ ନିଶା। ହେଲେ ବର୍ତ୍ତମାନ ସେ ବାଇକ୍ ରାଲି କରି ଲୋକଙ୍କୁ ଅଙ୍ଗଦାନ ଉପରେ ସଚେତନତା ପ୍ରଦାନ କରୁଛନ୍ତି। ଭୁବନେଶ୍ୱର ରାମ ମନ୍ଦିର ଓ ଲିଙ୍ଗରାଜ ମନ୍ଦିରଠାରୁ ଆରମ୍ଭ କରିଥିବା ଏହି ରାଲି ସାରା ରାଜ୍ୟରେ ପହଞ୍ଚାଇବାକୁ ଉଦ୍ୟମ କରିଛନ୍ତି। ବିଭିନ୍ନ ଜିଲ୍ଲାର ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଲୋକଙ୍କୁ ସଚେତନ କରିବା ସହ ଲିଫଲେଟ୍‌ରେ ଅଙ୍ଗଦାନ ସମ୍ପର୍କିତ ବାର୍ତ୍ତା ଲେଖି ଲୋକଙ୍କୁ ପ୍ରଦାନ କରୁଛନ୍ତି। ନିଜ ବାଇକ୍‌ରେ ମଧ ଏହି ସଚେତନତା ବାର୍ତ୍ତା ଲେଖିବା ସହ ଜାତୀୟ ପତାକା ଲଗାଇ ସେ ଏହି ସଲୋ ବାଇକ୍ ଶୋଭାଯାତ୍ରା ଆରମ୍ଭ କରିଛନ୍ତି। ମହାଶିବରାତ୍ରି ଠାରୁ ଆରମ୍ଭ କରିଥିବା ଏହି ରାଲି ଦ୍ୱାରା ୯ ଦିନରେ ୧୨ଟି ଜିଲ୍ଲାର ଲୋକଙ୍କ ପାଖରେ ସେ ପହଞ୍ଚି ପାରିଛନ୍ତି। କଟକ, ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ ଆଦି ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ବିଭିନ୍ନ ବର୍ଗର ଲୋକଙ୍କୁ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି। ଆଗକୁ ସାରା ଭାରତ ଭ୍ରମଣ କରିବାକର ଯୋଜନା ରଖିଛନ୍ତି ଶଶିକାନ୍ତ। ତାଙ୍କ କହିବା ଅନୁସାରେ, ରାଜ୍ୟ ହେଉ ଅବା ରାଜ୍ୟ ବାହାରେ ବିଭିନ୍ନ ହସ୍ପିଟାଲରେ ଅଙ୍ଗ ଆବଶ୍ୟକତା ପାଇଁ ତାଲିକା ରହିଥାଏ। ଯଦି କୌଣସି ବ୍ୟକ୍ତିଙ୍କ ଅକସ୍ମାତ୍ ମୃତ୍ୟୁ ଘଟିଥାଏ ତେବେ ତୁରନ୍ତ ତାଙ୍କ ଅଙ୍ଗଦାନ କରିବାକୁ ପରିବାର ପକ୍ଷରୁ ସହମତି ପ୍ରକାଶ କରାଯାଇଥାଏ। ଯେଉଁମାନେ ତାଲିକାରୁ ପ୍ରଥମରେ ରହିଥାନ୍ତି ସେମାନଙ୍କୁ ପ୍ରଥମେ ଆବଶ୍ୟକ ଅଙ୍ଗ ପ୍ରଦାନ କରାଯାଇଥାଏ। ହାର୍ଟ, ପାନକ୍ରିଆଜ୍, ଲିଭର, କିଡନୀ, ଆଖି ଭଳି ଅନେକ ଅଙ୍ଗ ଅନ୍ୟଠାରେ ସଫଳ ଭାବେ ପ୍ରତିରୋପଣ କରାଯିବାର ଅନେକ ଉଦାହାରଣ ମଧ ଦେଖିବାକୁ ମିଳୁଛି। ନିକଟରେ ରାଜଧାନୀର ଜଣେ ୮ ବର୍ଷୀୟ ବାଳକର ବ୍ରେନ୍ ଡେଡ୍ ପରେ ଏକମାତ୍ର ପୁଅର ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ ଅଭିଭାବକ। ଯାହା ୮ଜଣଙ୍କ ଜୀବନ ବଞ୍ଚାଇପାରିଥିଲା। ତେବେ ଅଙ୍ଗଦାନ ଭଳି ମହତ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ ପାଇଁ ରାଜ୍ୟ ସରକାର ଘୋଷଣା ମଧ କରିଛନ୍ତି। ତେଣୁ ଏଥିପ୍ରତି ଆମେ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।



ସକାଳ THE SAKALA



**କମିଛି ସୁନା ଚୋରା ଚାଲାଣ**

# ମାଫିଆଙ୍କ ନଜରରେ ବିରଳ ପ୍ରାଚୀନ ଅଷ୍ଟଧାତୁ ମୂର୍ତ୍ତି

ଭୁବନେଶ୍ୱର, ୨୨।୩(ସମିସ): ରାଜ୍ୟରେ ସୁନା ଚୋରା ଚାଲାଣ(ସ୍ମଗଲିଂ) କମିଥିବା ବେଳେ ଅଷ୍ଟଧାତୁ ମୂର୍ତ୍ତିର ଚୋରା କାରବାର ବଢ଼ିଛି। ଅନ୍ତର୍ଜାତୀୟ ବିମାନ ଉଡ଼ାଣ ବନ୍ଦ ରହିଥିବାରୁ ସୁନା ଚୋରା ଚାଲାଣ କମିଥିବା କଥା କୁହାଯାଉଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ମାଲେସିଆକୁ ଉଡ଼ାଣ ବନ୍ଦ ରହିଥିବାରୁ ସୁନା ଚୋରା ଚାଲାଣ

- **ଅନ୍ତର୍ଜାତୀୟ ବିମାନ ଉଡାଣ ବନ୍ଦ ପରେ କମିଛି ସୁନା ସ୍ମଗଲିଂ**
- **ୟୁରୋପୀୟ ଦେଶକୁ ଯାଉଛି ବିରଳ ଅଷ୍ଟଧାତୁ ମୂର୍ତ୍ତି**

ହ୍ରାସ ହୋଇଛି। କିଛି ବର୍ଷ ତଳେ ଭୁବନେଶ୍ୱର ବିମାନବନ୍ଦରରୁ କେଜିକେଜି ସୁନା ଜବତ ହୋଇଥିଲା। କାହାର ମଳଦ୍ୱାରରୁ ତ ଆଉ କାହା ସାର୍ଟ ବୋତାମରୁ ଜବତ ହେଉଥିଲା ସୁନା। ପ୍ରତିଦିନ ଭୁବନେଶ୍ୱର ବିମାନବନ୍ଦରରୁ ଯାତ୍ରୀ କିମ୍ବା ଏଜେଣ୍ଟଙ୍କଠାରୁ ସୁନା ଜବତ ହୋଇଥିଲା। କିନ୍ତୁ ସୁନା ଚୋରାଚାଲାଣ ଲାଗି ଏବେ ବିମାନ ବଦଳରେ ରେଳ, ଜଳ ଓ ସ୍ଥଳପଥ ଗଳାବାଟ ସାଜିଥିବା କୁହାଯାଉଛି। ରାସ୍ତା ବଦଳାଇ ଏଜେଣ୍ଟଙ୍କ ଜରିଆରେ ସୁନା ସ୍ମଗଲର୍‌ମାନେ ସ୍ମଗଲିଂ କରୁଛନ୍ତି। ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଡିଆର୍‌ଆଇ ଏବଂ କଷ୍ଟମ ବିଭାଗ। ଅପରପକ୍ଷେ, ପୂର୍ବାପେକ୍ଷା ସୁନା ସ୍ମଗଲିଂ କମିଥିବା ବେଳେ ଏବେ ଓଡ଼ିଶାରୁ ବହୁ ବିରଳ ଅଷ୍ଟଧାତୁ ମୂର୍ତ୍ତି ବିମାନରେ ବିଦେଶକୁ ଚାଲାଣ କରାଯାଉଛି। ୟୁରୋପୀୟ ଦେଶଗୁଡ଼ିକୁ ଏହି ବିରଳ ମୂର୍ତ୍ତି ଯାଉଥିବା ପ୍ରମାଣ ମିଳିଛି।

ରାଜ୍ୟର ବିଭିନ୍ନ ପ୍ରାଚୀନ ମନ୍ଦିରରୁ ବହୁମୂଲ୍ୟ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଉତ୍ତରରୁ ଉପକୂଳ, ପଶ୍ଚିମରୁ ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ, ସବୁଠି ମାତିଛନ୍ତି ମୂର୍ତ୍ତି ଚୋର। ପାର୍ବତୀ, ବିଷ୍ଣୁ, ରାଧାକୃଷ୍ଣ, ଶିବ, ଚନ୍ଦ୍ରଶେଖର, ପାର୍ବତୀଙ୍କ ବହୁ ପ୍ରାଚୀନ ମୂର୍ତ୍ତି ଉପରେ ଏବେ ମାଫିଆମାନଙ୍କ ନଜର। ଚୋରଙ୍କ ଉତ୍ପାତ ଏତେ ବଢ଼ିଯାଇଛି ଯେ ସ୍ୱୟଂ ଭଗବାନ ବି ଅସହାୟ ହୋଇପଡ଼ିଛନ୍ତି। ଆମେରିକା, ଥାଇଲ୍ୟାଣ୍ଡ ଓ ୟୁରୋପୀୟ ଦେଶଗୁଡ଼ିକରେ ଭାରତୀୟ ପ୍ରାଚୀନ ମୂର୍ତ୍ତିର ଚାହିଦା ଯଥେଷ୍ଟ ଅଧିକ ରହିଥିବାରୁ ମାଫିଆମାନେ ଭାରତବର୍ଷର ଏହି ଅମୂଲ୍ୟ ପ୍ରାଚୀନ ମୂର୍ତ୍ତିକୁ କୋଟି କୋଟି ଟଙ୍କାରେ ବିକ୍ରି କରି ମାଲାମାଲ ହେଉଛନ୍ତି।

୨୦୨୧ ଜାନୁଆରୀ ମାସରେ ଯାଜପୁର ଜିଲ୍ଲା ବଡ଼ଚଣା ଦର୍ପଣଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' କୋଟ୍ରାକ୍ଷୀଙ୍କ ଅଷ୍ଟଧାତୁ ନିର୍ମିତ ଦୁର୍ଲଭ ମୂର୍ତ୍ତି ଚୋରି ହୋଇଥିଲା। ପ୍ରାୟ ଦେଢ଼ବର୍ଷ ପରେ ମା' କୋଟ୍ରାକ୍ଷୀ ଦୁର୍ଲଭ ମୂର୍ତ୍ତି କାର୍ଗୋ ବିମାନଯୋଗେ ଏକ ଏଜେନ୍ସି ଦ୍ୱାରା ବ୍ୟାଙ୍କକ୍‌କୁ ପଠାଯାଉଥିଲା। ଦିଲ୍ଲୀ ବିମାନବନ୍ଦରରେ କେନ୍ଦ୍ରୀୟ ସୀମା ଶୁଳ୍କ ଓ କଷ୍ଟମ ବିଭାଗ ଦ୍ୱାରା ଜବତ କରାଯାଇଥିଲା। ସେହିପରି କିଛି ଦିନ ତଳେ ଚେନ୍ନାଇ ପୁଲିସ ମୂର୍ତ୍ତି ଚୋରି ଘଟଣାର ପର୍ଦ୍ଦାଫାସ୍ କରିବା ସହ ଜାଭେଦ୍ ଶାହାଙ୍କୁ ଗିରଫ କରାଯାଇଥିଲା। ଇଣ୍ଡିଆନ୍ କଟେଜ୍ ଏମ୍ପୋରିଅମ୍ ଖୋଲି ସେଠାରେ ମୂର୍ତ୍ତି ବିକ୍ରି କରୁଥିଲା। ଏତିକି ନୁହେଁ, ଆଉ କିଛି ମାମଲାରେ ବି ବିଦେଶକୁ ଦୁର୍ଲଭ ମୂର୍ତ୍ତି ଚାଲାଣ ସମୟରେ ବିମାନରେ ଧରାପଡ଼ିଛନ୍ତି। ଓଡ଼ିଶାର ପୁରାତନ ଦୁର୍ଲଭ ଅଷ୍ଟଧାତୁ ମୂର୍ତ୍ତି ବିଦେଶକୁ ପଠାଯାଉଛି। ବିଶେଷକରି ପୁରୀ, ଭୁବନେଶ୍ୱର, ବାଲେଶ୍ୱର, ଯାଜପୁର ଭଳି ଜିଲ୍ଲାଗୁଡିକରୁ ପୁରାତନ ଦୁର୍ଲଭ ମୂର୍ତ୍ତି ଉପରେ ମାଫିଆଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ଓଡ଼ିଶାରୁ ଚୋରି ମୂର୍ତ୍ତି ବିହାର ଦେଇ ନେପାଳକୁ ଚାଲାଣ ହେଉଥିବା ବେଳେ ପଶ୍ଚିମବଙ୍ଗ ଦେଇ ବାଂଲାଦେଶ ଓ ସେଠାରୁ ଅନ୍ୟ ଦେଶକୁ ଚାଲାଣ କରାଯାଉଛି।

## ପୁଲିସ ପଞ୍ଝାରେ ଅନ୍ତଃରାଜ୍ୟ ମୂର୍ତ୍ତିଚୋର ଗ୍ୟାଙ୍ଗ୍

**ଶିବ, ପାର୍ବତୀଙ୍କ ମୂର୍ତ୍ତି ସହିତ ନାଗ ଉଦ୍ଧାର**

**ଲକ୍ଷାଧିକ ଟଙ୍କା ସାମଗ୍ରୀ ଜବତ**

**ବିଭିନ୍ନ ଥାନାରେ ୧୨ ମାମଲା**



ଢେଙ୍କାନାଳ, ୨୨।୩ (ସମିସ): ଢେଙ୍କାନାଳ ଜିଲ୍ଲା ତଥା ବିଭିନ୍ନ ସ୍ଥାନରେ ଥିବା ମଠ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ସହ ସୁନାରୁପା ଅଳଙ୍କାର ଚୋରି ଘଟଣାରେ ସଦର ଥାନା ପୁଲିସ ୩ ଜଣ ଆନ୍ତଃଜିଲ୍ଲା ଡକାୟତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୁଲିସ୍ ବିଭିନ୍ନ ମୂର୍ତ୍ତି ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଡକାୟତମାନେ ବିଭିନ୍ନ ମନ୍ଦିରରେ ଥିବା ଅଷ୍ଟଧାତୁ ମୂର୍ତ୍ତି ସହିତ ସୁନାରୁପା ଅଳଙ୍କାର ଚୋରି କରୁଥିଲେ। ଢେଙ୍କାନାଳରୁ ଚୋରି କରିବା ପରେ ସେମାନେ ଯାଜପୁର ଅଞ୍ଚଳରେ ରହି ସବୁ କାର୍ଯ୍ୟର ଯୋଜନା କରୁଥିଲେ। ଏହି ଘଟଣାର ତଦନ୍ତ କରି ପୁଲିସ ମୋଟଙ୍ଗା ଥାନା ଅନ୍ତର୍ଗତ ନିମିଧା ଗ୍ରାମର ଶିବ ନାଏକଙ୍କ ପୁଅ ବିଶ୍ୱନାଥ ନାଏକ ଓରଫ ସୁମନ, ସଦର ଥାନା ସୋଗରପଶି ଗ୍ରାମର ନିର୍ବାଣ ଷଣ୍ଢଙ୍କ ପୁଅ ମାନସ ଷଣ୍ଢ(୫୧) ଓ ସୁରେଶ କୁମାର ସାହୁଙ୍କ ପୁଅ ରଞ୍ଜିତ କୁମାର ସାହୁ ଓରଫ କାଳିଆକୁ ଗିରଫ କରିଛି। ସେମାନଙ୍କଠାରୁ ପୁଲିସ ବିଭିନ୍ନ ସ୍ଥାନରୁ ଚୋରି ଯାଇଥିବା ଶିବଙ୍କର ଏକ ମୂର୍ତ୍ତି ସହିତ ପାର୍ବତୀଙ୍କ ମୂର୍ତ୍ତି, ୨ଟି ସାପ, ୧ଟି ବୃଷଭ, ଥାଳି, ନଗଦ ୧ ହଜାର ୪୭୦ ଟଙ୍କା, ତରଳା ଯାଇଥିବା ସୁନା ଏବଂ ରୁପା ଖଣ୍ଡ ଜବତ କରାଯାଇଛି। ପୁଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ସୂଚନା ଦେଇଛି। ଥାନାଧିକାରୀଙ୍କ ସୂଚନାନୁସାରେ, ଗତ ଫେବୃଆରୀ ୧୩ ତାରିଖରେ ଗୋବିନ୍ଦପୁର ବାଲୁଙ୍କେଶ୍ୱର ମନ୍ଦିର, ଟାଉନ ଥାନା ଶ୍ୟାମାଚରଣପୁର ସାଇ ମନ୍ଦିର ଚୋରି ଘଟଣା ପରେ ପୁଲିସ ଦୁଇଟି ସ୍ପେଶାଲ ଟିମ୍ ଗଠନ କରି ତଦନ୍ତ ଚଳାଇଥିଲା।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଉପରାଷ୍ଟ୍ରପତିଙ୍କ ସହଧର୍ମିଣୀ



ପୁରୀ, ୨୨।୩ (ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଉପରାଷ୍ଟ୍ରପତିଙ୍କ ଧର୍ମପତ୍ନୀ ଡ. ସୁଦେଶ ଧନ୍‌ଖଡ଼। ଅପରାହ୍ଣ ପ୍ରାୟ ସାଢ଼େ ୨ଟାରେ ଉପରାଷ୍ଟ୍ରପତି ଜଗଦୀପ ଧନ୍‌ଖଡ଼ଙ୍କ ଧର୍ମପତ୍ନୀ ତଥା ଦେଶର ଦ୍ୱିତୀୟ ମହିଳା ନାଗରିକ ଡ. ସୁଦେଶ ଧନ୍‌ଖଡ଼ ଓ ପରିବାର ଅନ୍ୟ ସଦସ୍ୟ ପୁରୀରେ ପହଞ୍ଚିଥିଲେ। ସେମାନେ ପ୍ରଥମେ ଚକ୍ରତୀର୍ଥ ରୋଡ୍‌ସ୍ଥିତ ଏକ ଘରୋଇ ହୋଟେଲରେ ପହଞ୍ଚିବା ପରେ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଅପରାହ୍ଣ ସାଢ଼େ ୪ଟାରେ ସେମାନେ ହୋଟେଲରୁ ବାହାରି ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ। ୪ଟା ୫୦ରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ସେବାୟତ ସ୍ୱାଗତ କରି ମନ୍ଦିରକୁ ପାଛୋଟି ନେଇଥିଲେ। ସମସ୍ତେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ସହ ବେଢ଼ା ପରିକ୍ରମା କରି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୩୫ ମିନିଟ୍ ମନ୍ଦିରରେ ବିତାଇବା ପରେ ପୁନଶ୍ଚ ହୋଟେଲକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ସେମାନେ ପୁରୀରେ ରହିବେ ବୋଲି ସୂଚନା ମିଳିଛି। ସେମାନେ ପୁରୀ ବେଳାଭୂମି ଏବଂ କୋଣାର୍କ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

# ଅନୁପମା ଜେମ୍ସ ଦେବଗଡ଼ ଓ ଏଲ୍. ଦିବ୍ୟା କଟକ ଗ୍ରାମାଞ୍ଚଳ ଏସ୍‌ପି ନିଯୁକ୍ତ

ଭୁବନେଶ୍ୱର, ୨୨।୩ (ସମିସ): ଆଇପିଏସ୍ ଅନୁପମା ଜେମ୍ସଙ୍କୁ ଦେବଗଡ଼ ଏସ୍‌ପି ଭାବେ ଅବସ୍ଥାପିତ କରିଛନ୍ତି ରାଜ୍ୟ ସରକାର। ସେହିପରି ଆଇପିଏସ୍ ଏଲ୍. ଦିବ୍ୟାଙ୍କୁ କଟକ ଗ୍ରାମାଞ୍ଚଳ ଏସ୍‌ପି ଭାବେ ବଦଳି କରାଯାଇଛି। ଦୁହେଁ ଭିଜିଲାନ୍ସ ବିଭାଗରେ ଏସ୍‌ପି ଭାବେ କାର୍ଯ୍ୟରତ ଥିଲେ। ୨୩ ତାରିଖ ଦିନ ୧୦ଟା ସୁଦ୍ଧା ନୂଆ ଦାୟିତ୍ୱ ନେବା ପାଇଁ ଦୁହିଁଙ୍କୁ କଟକସ୍ଥିତ ପୁଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଛି।

# ଜିନ୍ଦଲ୍‌କୁ କର୍ପୋରେଟ୍ ଗଭର୍ଣ୍ଣାନ୍ସ ପୁରସ୍କାର




ଭୁବନେଶ୍ୱର, ୨୨।୩ (ସମିସ):ଷ୍ଟେନଲେସ୍ ଷ୍ଟିଲ୍‌ନିର୍ମାତା ଜିନ୍ଦଲ ଷ୍ଟେନଲେସଙ୍କୁ ସଂଗଠନ ମଧ୍ୟରେ ସ୍ୱଚ୍ଛ କାର୍ଯ୍ୟକଳାପକୁ ସମର୍ଥନ କରିବା ପାଇଁ କର୍ପୋରେଟ ଗଭର୍ଣ୍ଣାନ୍ସ ବର୍ଗରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ସମ୍ମାନଜନକ କର୍ପୋରେଟ ଗଭର୍ଣ୍ଣାନ୍ସ ଏବଂ ସଷ୍ଟେନେବିଲିଟି ଭିଜନ ପୁରସ୍କାର ୨୦୨୪ରେ ସମ୍ମାନିତ କରାଯାଇଛି। ଫ୍ଲାଗସିପ୍ ପଦକ୍ଷେପ ମାଧ୍ୟମରେ ଆଇସିସି ଏକ ସ୍ଥାୟୀ ଭବିଷ୍ୟତ ସୃଷ୍ଟି ଦିଗରେ ଉଦ୍ୟମ ପାଇଁ ଭାରତ ବ୍ୟବସାୟକୁ ସ୍ୱୀକୃତି ଦେଇଛି। କୋଇଲା ମନ୍ତ୍ରାଳୟର ଅତିରିକ୍ତ ସଚିବ ଏମ ନାଗରାଜୁଙ୍କଠାରୁ ମୁଖ୍ୟ, ଆଇନ ଏବଂ କମ୍ପାନୀ ସଚିବ ଜିନ୍ଦଲ ଷ୍ଟେନଲେସ ନଭନିତ ରଘୁଭନସି କମ୍ପାନୀ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସମ୍ମାନଜନକ ପୁରସ୍କାର ପାଇ ଆମେ ଗର୍ବିତ। ସ୍ଥାୟୀ ବ୍ୟବସାୟ ଅଭ୍ୟାସ ପ୍ରତି ଆମର ପ୍ରତିବଦ୍ଧତାକୁ ସ୍ୱୀକାର କରିଥିବାରୁ ଆମେ ଆଇସିସିକୁ ଧନ୍ୟବାଦ ଦେଉଛୁ। ଆମେ ବିଶ୍ୱାସ କରୁ ଯେ ଉତ୍ତମ ଶାସନ ହେଉଛି ଏକ ସଫଳ ଏବଂ ସ୍ଥାୟୀ ବ୍ୟବସାୟର ମୂଳଦୁଆ ଏବଂ ଆମର ସମସ୍ତ କାର୍ଯ୍ୟରେ ଅଖଣ୍ଡତା ଏବଂ ସ୍ୱଚ୍ଛତାର ସର୍ବୋଚ୍ଚ ମାନ୍ୟତା ପାଇଁ ଆମେ ପ୍ରତିବଦ୍ଧ।

**ରେକର୍ଡ ବିଜୟରେ ଆୟୁଧ ହେବ ଛାତ୍ର ବିଜେଡି**

# ୨୪ରେ ପ୍ରଣବ ଦେବେ ଗୁରୁମନ୍ତ୍ର

ଭୁବନେଶ୍ୱର, ୨୨।୩ (ସମିସ): ଆଗାମୀ ନିର୍ବାଚନରେ ଯୁବ ଭୋଟର୍‌ଙ୍କ ଭୂମିକା କିଛି କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଓଡ଼ିଶାର ଛାତ୍ର ଓ ଯୁବ ଭୋଟର୍‌ଙ୍କ ସମର୍ଥନ ଜୁଟାଇବା ପାଇଁ ସ୍ୱତନ୍ତ୍ର ରଣନୀତି ନେଇ ଲଢ଼ିବ ବିଜୁ ଜନତା ଦଳ। ସେଥିପାଇଁ ଆସନ୍ତା ୨୪ତାରିଖ, ଶଙ୍ଖ ଭବନରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବିଜୁ ଛାତ୍ର ଜନତା ଦଳର ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେବେ। ବୈଠକରେ ବିଜେଡି ସାଧାରଣ ସମ୍ପାଦକ (ଯୁବ ଓ ଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ, ବିଜୁ ଯୁବ ଜନତା ଦଳ ରାଜ୍ୟ ସଭାପତି ବ୍ୟୋମକେଶ ରାୟ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି କର୍ମକର୍ତ୍ତାଙ୍କ ମାର୍ଗଦର୍ଶନ କରିବେ। ଏହି ବୈଠକରେ ସମସ୍ତ ରାଜ୍ୟସ୍ତରୀୟ କର୍ମକର୍ତ୍ତା, ଜିଲ୍ଲା ସଭାପତି, ଜୋନ୍ ସଭାପତିଙ୍କ ସମେତ ଛାତ୍ର ବିଜେଡିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିବେ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ବିଜୁ ଛାତ୍ର ଜନତା ଦଳର ପ୍ରତ୍ୟେକ କର୍ମକର୍ତ୍ତା ଶଙ୍ଖ ଭବନରେ ଗୁରୁମନ୍ତ୍ର ନେବେ।

ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳ ନୂଆ ଇତିହାସ ରଚିବା ଲକ୍ଷ୍ୟରେ ସଂଗଠନ ସୁଦୃଢ଼ କରୁଛି। ତୃଣମୂଳସ୍ତରରେ ଏବଂ ରାଜ୍ୟର ପ୍ରତି କୋଣ ଅନୁକୋଣରେ ବିକାଶର ବାର୍ତ୍ତା ପହଞ୍ଚାଇବା ସହ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବା ଲାଗି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ସାକାର କରିବା ଦିଗରେ ଛାତ୍ର ବିଜେଡି କାମ କରିବ। ମୁଖ୍ୟମନ୍ତ୍ରୀଙ୍କ ଅଭିଳଷିତ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ନିର୍ମାଣ ଦିଗରେ ବିଜୁ ଛାତ୍ର ଜନତା ଦଳର ଭୂମିକା ସମ୍ପର୍କରେ ଆଲୋଚନା କରାଯିବ। ତେବେ ବିରୋଧୀଙ୍କ ଅପପ୍ରଚାରର ଜବାବ ଦେବା ସହ ଓଡ଼ିଶାବାସୀଙ୍କ ନିକଟରେ ସତ ପହଞ୍ଚାଇବା ଆଭିମୁଖ୍ୟ ନେଇ ବରିଷ୍ଠ ନେତୃତ୍ୱ ଛାତ୍ର ଜନତା ଦଳ କର୍ମକର୍ତ୍ତାଙ୍କ ମାର୍ଗଦର୍ଶନ କରିବେ। ଦଳର ଆଭିମୁଖ୍ୟ ଏବଂ ସରକାରଙ୍କ ସଫଳତା ପହଞ୍ଚାଇବା ପାଇଁ ଛାତ୍ର କର୍ମକର୍ତ୍ତାମାନେ ସାମାଜିକ ଗଣମାଧ୍ୟମକୁ ଅସ୍ତ୍ର କରିବେ ବୋଲି ଜଣାପଡ଼ିଛି।

**କୃତ୍ରିମ ଅଙ୍ଗ ପାଇଁ ଦହଗଞ୍ଜ ହେବେନି ଦିବ୍ୟାଙ୍ଗ**

# ୭ ଜିଲ୍ଲାରେ କାର୍ଯ୍ୟକ୍ଷମ ହେବ ଏଆର୍‌ସି

ଭୁବନେଶ୍ୱର, ୨୨।୩ (ସମିସ): ରାଜ୍ୟର ଆଉ ୭ ଜିଲ୍ଲାରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର (ଏଆରସି)। କାର୍ଯ୍ୟକ୍ଷମ ଥିବା ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର (ଡିଡିଆରସି) ପରିସରରେ ୨୦ ଶଯ୍ୟା ବିଶିଷ୍ଟ ଏଆରସି ସ୍ଥାପନ କରାଯିବ। ଫଳରେ ସରକାରଙ୍କଠାରୁ ବିନାମୂଲ୍ୟରେ କୃତ୍ରିମ ଅଙ୍ଗ ପାଇବା ପାଇଁ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଆଉ ଭୁବନେଶ୍ୱର, କେନ୍ଦୁଝର କିମ୍ବା ସୁନ୍ଦରଗଡ଼ ଦୌଡ଼ିବା ଜରୁରୀ ହେବ ନାହିଁ। ମୟୂରଭଞ୍ଜ, ସମ୍ବଲପୁର, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ୨୦ ଶଯ୍ୟା ବିଶିଷ୍ଟ ଏଆରସି ପ୍ରତିଷ୍ଠା କରାଯିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ଇପିଡି) ବିଭାଗ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଏହି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପତ୍ର ଲେଖି ଏଆରସି ପାଇଁ ଉପଲବ୍ଧ ଭିତ୍ତିଭୂମି ସମ୍ପର୍କରେ ସୂଚନା ଦେବା ପାଇଁ କହିଛନ୍ତି।

ସୂଚନାନୁସାରେ, ଡିଡିଆରସିରେ ଦିବ୍ୟାଙ୍ଗ ହିତାଧିକାରୀଙ୍କ ଉଦ୍ଦେଶ୍ୟରେ ୨୦ ଶଯ୍ୟା ବିଶିଷ୍ଟ ଡର୍ମିଟୋରି ଥିବା ଏଆର୍‌ସି ପ୍ରତିଷ୍ଠା ପାଇଁ ଗତବର୍ଷ ଅକ୍ଟୋବର ମାସରେ ବିଭାଗ ପକ୍ଷରୁ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ଅବଗତ କରାଯାଇଥିଲା। ଏସବୁ ପ୍ରସ୍ତାବିତ ଏଆରସିରେ କୃତ୍ରିମ ଅଙ୍ଗ ଯୋଗାଣ ନିମନ୍ତେ ଇତିମଧ୍ୟରେ ଟେଣ୍ଡର୍ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଶୀଘ୍ର କୃତ୍ରିମ ଅଙ୍ଗ ଯୋଗାଣ ଆରମ୍ଭ

**ଚୂଡ଼ାନ୍ତ ପର୍ଯ୍ୟାୟରେ ଅଙ୍ଗ ଯୋଗାଣ ଟେଣ୍ଡର୍**

ହେବ। ଏହି କେନ୍ଦ୍ରରେ ଦିବ୍ୟାଙ୍ଗ ନାଗରିକଙ୍କୁ ପ୍ରୋସ୍ଥେସିସ୍ ଓ ଅର୍ଥୋସିସ୍ ବର୍ଗରେ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯିବ। ଅଚଳ ଅଙ୍ଗକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଏଆରସିରେ ରୋବୋଟିକ୍ ଥେରାପି ୟୁନିଟ୍ ରହିବ। ଏହା ଦ୍ୱାରା ସ୍ନାୟୁଗତ ଅକ୍ଷମତାର ଉପଚାର ହେବ। ସେହିପରି କୃତ୍ରିମ ଅଙ୍ଗ ପ୍ରତିରୋପଣ ପାଇଁ ବ୍ୟବସ୍ଥା ଉପଲବ୍ଧ ହେବ। ସେଥିପାଇଁ ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ଡିଡିଆରସିରେ ୨/୩ଟି ହଲ୍ ଏବଂ ୪-୫ଟି କୋଠରୀ ବ୍ୟବସ୍ଥା କରିବା ଲାଗି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆବଶ୍ୟକ ସ୍ଥଳେ ଏଥିପାଇଁ ପାଣ୍ଠି ଯୋଗାଇ ଦେବାକୁ ମଧ୍ୟ ଗତବର୍ଷ ଅକ୍ଟୋବରରେ କୁହାଯାଇଥିଲା। ଏଆରସି ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଥିଲା ବେଳେ ଆବଶ୍ୟକ ମାନବସମ୍ବଳ ଯୋଗାଇ ଦିଆଯିବ। ଏବେ ସେହି ନିର୍ଦ୍ଦେଶ ଅନୁସାରେ ୨୦ ଶଯ୍ୟା ଡର୍ମିଟୋରି ଏବଂ ଅନ୍ୟ କାର୍ଯ୍ୟ ପାଇଁ ସ୍ଥାନ ଉପଲବ୍ଧ ହୋଇଛି କି ନାହିଁ, ତାହା ଜଣାଇବା ପାଇଁ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ଏବେ ଭୁବନେଶ୍ୱର, କେନ୍ଦୁଝର ଏବଂ ସୁନ୍ଦରଗଡ଼ରେ ଏଆରସି କାର୍ଯ୍ୟକ୍ଷମ ଅଛି। କୌଣସି କାରଣବଶତଃ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ଏଆରସି ଜରିଆରେ ଉଚ୍ଚମାନର କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଉଛି। କୃତ୍ରିମ ଅଙ୍ଗ ପାଇଥିବା ବ୍ୟକ୍ତି ପୁଣିଥରେ ସ୍ୱାଭାବିକ ଜୀବନ ବିତାଇବା ପାଇଁ ସୁଯୋଗ ପାଉଛନ୍ତି। ତେବେ ଦୂର ଦୂରାନ୍ତରୁ ଆସି ଏଆରସିରେ ପହଞ୍ଚିବା ଦିବ୍ୟାଙ୍ଗମାନଙ୍କ ପକ୍ଷରେ ବଡ଼ ସମସ୍ୟା। ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କର ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ଜିଲ୍ଲା ସ୍ତରରେ ଏଆରସି ସ୍ଥାପନ ପାଇଁ ପଦକ୍ଷେପ ନେଉଛନ୍ତି।

**ଦୂଷିତ ଜଳ ପାଇଁ କିଡନୀ ରୋଗ ବ୍ୟାପିବା ମାମଲା**

# ୪ ସପ୍ତାହ ମଧ୍ୟରେ ଯାଞ୍ଚ କମିଟି ରିପୋର୍ଟ ଦିଅ: ଏନ୍‌ଜିଟି

କଟକ, ୨୨।୩ (ସମିସ): ଯାଜପୁର ଜିଲ୍ଲା କାଳିଆପାଣି ଅଞ୍ଚଳରେ ଦୂଷିତ ଜଳ ପାଇଁ କିଡ୍‌ନୀ ରୋଗ ବ୍ୟାପିବା ଓ କେତେକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବା ପ୍ରସଙ୍ଗରେ ମଣ୍ଟୁ ଦାସଙ୍କ ପକ୍ଷରୁ ରୁଜୁ ମାମଲାକୁ ଜାତୀୟ ସବୁଜ ପ୍ରାଧିକରଣ(ଏନଜିଟି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାର ଶୁଣାଣି କରି ୪ଜଣିଆ ଏକ ଯାଞ୍ଚ କମିଟି ଗଠନ ପାଇଁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି)ର ଜଣେ ବରିଷ୍ଠ ବୈଜ୍ଞାନିକ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ଜଣେ ବରିଷ୍ଠ ବୈଜ୍ଞାନିକ, କେନ୍ଦ୍ରୀୟ ଭୂତଳ ଜଳ ପରିଷଦର ଜଣେ ବରିଷ୍ଠ ଅଧିକାରୀ ଓ ଯାଜପୁର ଜିଲ୍ଲାପାଳ ଅବା ଏଡିଏମ୍ ପାହ୍ୟା ଅଧିକାରୀଙ୍କୁ ନେଇ କମିଟି ଗଠନ କରାଯିବ। ଏହି କମିଟି ଘଟଣାସ୍ଥଳ ପରିଦର୍ଶନ କରି ୪ସପ୍ତାହ ଭିତରେ ରିପୋର୍ଟ ଦେବ। ଯାଜପୁର ଜିଲ୍ଲାପାଳ ନୋଡାଲ ସଂସ୍ଥା ଭାବେ ଏହି ରିପୋର୍ଟକୁ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ଏନ୍‌ଜିଟି କହିଛନ୍ତି। ପ୍ରଦୂଷଣର ଉତ୍ସ ସମ୍ପର୍କରେ ଏହି ରିପୋର୍ଟରେ ଉଲ୍ଲେଖ ରହିବ ବୋଲି ଏନଜିଟି ସ୍ପଷ୍ଟ କରିଛନ୍ତି। ଏହି ମାମଲାରେ ରାଜ୍ୟ ପରିବେଶ ବିଭାଗର ସଚିବ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେନ୍ଦ୍ରୀୟ ଭୂତଳ ଜଳବୋର୍ଡ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବମାନଙ୍କୁ ପକ୍ଷଭୁକ୍ତ କରିବାକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି।

## ଦେଶ ବିଦେଶ

### ମସ୍କୋରେ ଗୁଳିମାଡ଼; ୪୦ ମୃତ

ମସ୍କୋ, ୨୨।୩ (ଏଜେନ୍ସି): ରୁଷର ରାଜଧାନୀ ମସ୍କୋ ସ୍ଥିତ କ୍ରୋକସ ସିଟି ହଲ୍‌ରେ ଶୁକ୍ରବାର ବଡ଼ଧରଣର ଆକ୍ରମଣ ହୋଇଛି। ୫ ଜଣ ବ୍ୟକ୍ତି ଭିତରକୁ ପ୍ରବେଶ କରି ଲୋକଙ୍କ ଉପରେ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ ୪୦ ଜଣଙ୍କ ମୃତ୍ୟୁ ହୋଇଛି। ୧୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ଅନେକ ଲୋକ ମଧ୍ୟ ଆହତ ହୋଇଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଲୋକଙ୍କ ମୃତଦେହ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳୁଛି। ଆଉ କିଛି ଲୋକ ଭୟରେ ଥରୁଛନ୍ତି। ଗୁଳିମାଡ଼ର ଶବ୍ଦ ମଧ୍ୟ ଶୁଭା ଯାଉଛି। ଗୁଳିକାଣ୍ଡ ପରେ ହଲ୍ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ଏଥିଯୋଗୁଁ ହଲ୍‌ରେ ନିଆଁ ଲାଗି ଯାଇଥିଲା। ପରେ ଜରୁରୀକାଳୀନ ସେବାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଥିଲେ। ରିପୋର୍ଟ ଅନୁଯାୟୀ ହଲ୍‌ରେ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବାବେଳେ ଆକ୍ରମଣକାରୀ ସେନା ପୋଷାକରେ ଆସିଥିଲେ। ସେମାନେ ସ୍ୱୟଂଚାଳିତ ମେସିନ ଗନ୍‌ରୁ ଫାଟକରେ ପ୍ରବେଶ କରି ଗୁଳିମାଡ଼ ଆରମ୍ଭ କରିଦେଇଥିଲେ। ମସ୍କୋ ମେୟର ସର୍ଗେଇ ସୋବୟାନିନ କହିଛନ୍ତି ଯେ ଆହତଙ୍କୁ ସହାୟତା ପାଇଁ ୫୦ ଆମ୍ବୁଲାନ୍ସ ପଠାଯାଇଛି। ମାମଲାର ତଦନ୍ତ ପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି। ଲୋକଙ୍କୁ ସହାୟତା କରିବାକୁ ପୁଲିସକୁ ଘଟଣାସ୍ଥଳକୁ ପଠାଯାଇଛି।

**ହାଇତିରେ ଫସିଛନ୍ତି ଭାରତୀୟ**

### ଉଦ୍ଧାର ପାଇଁ 'ଅପରେସନ ଇନ୍ଦ୍ରାବତୀ' ଆରମ୍ଭ

ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି): ହିଂସାଗ୍ରସ୍ତ ହାଇତିରେ ଫସିଥିବା ଭାରତୀୟଙ୍କୁ ଉଦ୍ଧାର କରିବା ପାଇଁ ଭାରତ ସରକାର 'ଅପରେସନ ଇନ୍ଦ୍ରାବତୀ' ଆରମ୍ଭ କରିଛନ୍ତି। ଏହା ଅଧିନରେ ଗୁରୁବାର ବିଳମ୍ବିତ ରାତିରେ ୧୨ ଲୋକଙ୍କୁ ଉଦ୍ଧାର କରି କାରବିୟାନ ଦ୍ୱୀପ ଡୋମିନିକାନ ରିପବ୍ଲିକକୁ ନିଆଯାଇଛି। ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଫେବୃଆରୀ ୨୯ରେ ହାଇତିର ଅପରାଧିକ ଗ୍ୟାଙ୍ଗର ସଦସ୍ୟ ସରକାରୀ ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ଦେଇଥିଲେ। ଏମାନେ ଜେଲ୍ ଉପରେ ଆକ୍ରମଣ କରିଥିଲେ। ଫଳରେ ୪ ହଜାର କଏଦୀ ଫେରାର ହୋଇ ଯାଇଥିଲେ। ଏହି ସଶସ୍ତ୍ର ଆକ୍ରମଣକାରୀ ଦେଶର ବିଭିନ୍ନ ସ୍ଥାନରେ ହିଂସା କରୁଛନ୍ତି। ଏହି ହିଂସା ୨୩ ଦିନରେ ପହଞ୍ଚି ଯାଇଛି। ସ୍ଥିତି ଏପରି ବିଗିଡ଼ି ଯାଇଛି ଯେ ରାସ୍ତାଘାଟରେ ମୃତଦେହ ପଡ଼ି ରହିଛି। ଦୋକାନବଜାର ଭାଙ୍ଗି ଦିଆଯାଇଛି। ଅପରାଧିକ ଗ୍ୟାଙ୍ଗଗୁଡ଼ିକ ଏକାଠି ହୋଇ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏଥିପାଇଁ ମାର୍ଚ୍ଚ ୧୨ରେ ପ୍ରଧାନମନ୍ତ୍ରୀ ଏରିୟଲ ହେନରି ଇସ୍ତଫା ଦେଇଥିଲେ। ଏହା ସତ୍ତ୍ୱେ ହିଂସା ଥମି ନାହିଁ। ଏହି ସ୍ଥିତି ଉପରେ ଭାରତ ସରକାର ନଜର ରଖିଛନ୍ତି।

### ଗୋଦାନ ଏକ୍ସପ୍ରେସ୍‌ରେ ନିଆଁ

ନାସିକ, ୨୨।୩ (ଏଜେନ୍ସି): ପୁଣି ଟ୍ରେନ୍ ଦୁର୍ଘଟଣା ଘଟିଛି। ଏବେ ମହାରାଷ୍ଟ୍ର ନାସିକ ରୋଡ୍ ରେଳ ଷ୍ଟେସନ ନିକଟରେ 'ଗୋଦାନ ଏକ୍ସପ୍ରେସ'ରେ ନିଆଁ ଲାଗି ଯାଇଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ କିଛି ଲୋକ ନିଆଁ ଲିଭାଇବାକୁ ପ୍ରୟାସ କରୁଥିବା ଦେଖାଯାଉଛି। ତେବେ ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଏହି ସମୟରେ ଟ୍ରେନ୍‌ଟି ମୁମ୍ବାଇରୁ ଗୋରଖପୁର ଯାଉଥିଲା। ନିଆଁ ଲାଗିବା ପରେ ଯାତ୍ରୀ ଟ୍ରେନ ଓହ୍ଲାଇ ପଳାଇ ଥିଲେ। ପରେ ଏହାର ସୂଚନା ରେଳ କର୍ମଚାରୀଙ୍କୁ ଦେଇଥିଲେ।

### କଂଗ୍ରେସ ଆବେଦନକୁ ଖାରଜ କଲେ ହାଇକୋର୍ଟ

ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି): ଆୟକର ବିଭାଗ (ଆଇଟି) ବିରୋଧରେ କଂଗ୍ରେସ କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଆଇଟି ବିଭାଗ କଂଗ୍ରେସ ବିରୋଧରେ ୩ ବର୍ଷର 'ରିଆସେସମେଣ୍ଟ ପ୍ରୋସିଡିଂ' ଆରମ୍ଭ କରିଥିଲା। କଂଗ୍ରେସ ଏହା ଉପରେ କଟକଣା ଦାବି କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଗତ ୨୦ ତାରିଖରେ ଜଷ୍ଟିସ ଯଶୋବନ୍ତ ଶର୍ମା ଏବଂ ପୁରୁଷେନ୍ଦ୍ର କୁମାର କୌରବଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ରାୟକୁ ସଂରକ୍ଷିତ ରଖି ଦେଇଥିଲେ। ଆଇଟି ବିଭାଗ ପକ୍ଷରୁ କୁହାଯାଇଥିଲା ଯେ ଟିକସ ପ୍ରାଧିକରଣ କୌଣସି ଆଇନକୁ ଉଲ୍ଲଙ୍ଘନ କରିନାହାନ୍ତି। କଂଗ୍ରେସ ୫୨୦ କୋଟିରୁ ଅଧିକ ଟଙ୍କାର ଆୟ ସଞ୍ଚୟ କରିଥିଲା ବୋଲି କୁହାଯାଇଛି।

**ମୋର୍ବି ଝୁଲାପୋଲ ଦୁର୍ଘଟଣା ମାମଲା**

### ଜୟସୁଖ ପଟେଲଙ୍କୁ ଜାମିନ

ମୋର୍ବି, ୨୨।୩ (ଏଜେନ୍ସି): ଗୁଜରାଟ ମୋର୍ବିରେ ଝୁଲାପୋଲ ଭାଙ୍ଗି (୨୦୨୨ ଅକ୍ଟୋବର ୩୦) ୧୩୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ମାମଲାରେ ପୋଲର ରକ୍ଷଣାବେକ୍ଷଣ କରୁଥିବା ଓରେଭା କମ୍ପାନୀର ମାଲିକ ଜୟସୁଖ ପଟେଲ ଗତ ୧୪ ମାସ ହେଲା ଜେଲ୍‌ରେ ଅଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ବିଦେଶ ନ ଯିବା ସର୍ତ୍ତରେ ତାଙ୍କୁ କୋର୍ଟ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଏହି ମାମଲାରେ ୧୦ ଅଭିଯୁକ୍ତଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିଲା। ଏମାନଙ୍କ ମଧ୍ୟରେ ୨ ଜଣ ମ୍ୟାନେଜର, ୨ କ୍ଲର୍କ, ୨ ସୁରକ୍ଷାକର୍ମୀ ଏବଂ ପୋଲର ରଙ୍ଗ କାମରେ ସାମିଲ ଜଣେ ବ୍ୟକ୍ତିଙ୍କୁ ହାଇକୋର୍ଟ କିଛି ଦିନ ତଳେ ଜାମିନ ପ୍ରଦାନ କରିଥିଲେ। ତେବେ ମୁଖ୍ୟ ଅଭିଯୁକ୍ତ ଜୟସୁଖ ପଟେଲଙ୍କ ଆବେଦନକୁ କୋର୍ଟ ଖାରଜ କରିଦେଇଥିଲେ।

**ଟିଏମ୍‌ସି ମନ୍ତ୍ରୀଙ୍କ ଘରେ ଇଡି ଚଢ଼ଉ**

### ମୁଖ୍ୟ ସଚିବଙ୍କୁ ନୋଟିସ୍ ଜାରି କଲେ ହାଇକୋର୍ଟ

କୋଲକାତା, ୨୨।୩ (ଏଜେନ୍ସି): ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ମନ୍ତ୍ରୀ ଚନ୍ଦ୍ରନାଥ ସିହ୍ନାଙ୍କ ବୀରଭୂମ ଏବଂ କୋଲକାତା ଠିକଣାରେ ଚଢ଼ଉ କରିଛି। ଅନ୍ୟପକ୍ଷରେ କଲକତା ହାଇକୋର୍ଟ ଏହି ମାମଲାରେ ରାଜ୍ୟର ମୁଖ୍ୟ ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ଏ ସମ୍ବନ୍ଧିତ କିଛି ଲୋକଙ୍କ ବିରୋଧରେ ମାମଲା ଚଳାଇବାକୁ ଅନୁମତି ଦେବାକୁ କହିଛନ୍ତି। ଏହା ସହିତ ଏପ୍ରିଲ ୩ ସୁଦ୍ଧା ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ଅଭିଯୁକ୍ତ ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ, ପଶ୍ଚିମବଙ୍ଗ ସ୍କୁଲ ସେବା କମିଶନର ପୂର୍ବତନ ସଚିବ ଅଶୋକ ଶାହା,ପଶ୍ଚିମବଙ୍ଗ ସେକେଣ୍ଡାରୀ ବୋର୍ଡର ପୂର୍ବତନ ଅଧ୍ୟକ୍ଷ କଲ୍ୟାଣମୟ ଗାଙ୍ଗୁଲି ଏବଂ ଏସଏସସିର ପୂର୍ବତନ ଅଧ୍ୟକ୍ଷ ସୁବୀର ଭଟ୍ଟାଚାର୍ଯ୍ୟଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ଅତିରିକ୍ତ ସଲିସିଟର ଜେନେରାଲ ଅଶୋକ ଚକ୍ରବର୍ତ୍ତୀ କହିଥିଲେ ଯେ ସରକାରୀ ମଞ୍ଜୁରି ନ ମିଳିବାରୁ ମାମଲା ପଡ଼ି ରହିଛି। ଏଥିପାଇଁ କୋର୍ଟ ପୂର୍ବରୁ ସିବିଆଇ ନିର୍ଦ୍ଦେଶକଙ୍କୁ ମଞ୍ଜୁରି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପଶ୍ଚିମବଙ୍ଗ ରାଜ୍ୟପାଳ ମଧ୍ୟ ଏ ନେଇ ଅନୁମତି ଦେଇସାରିଛନ୍ତି। ତେବେ ବାରମ୍ବାର ଅନୁରୋଧ ସତ୍ତ୍ୱେ ରାଜ୍ୟର ମୁଖ୍ୟ ସଚିବ ଅନ୍ୟମାନଙ୍କ ବିରୋଧରେ ମାମଲା ଚଳାଇବାକୁ ଅନୁମତି ଦେଇନାହାନ୍ତି।

